# ସୂଚନା ଅଧିକାର ଗଣତନ୍ତ୍ରକୁ ସୁଦୃଢ଼ କରେ

## ଜିଲାସ୍ତରୀୟ ସୂଚନା ଅଧିକାର ଆଇନ ସମ୍ବନ୍ଧୀୟ କର୍ମଶାଳା

ଯାଜପୁର ଟାଉନ,୬।୩ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି)



କର୍ମଶାଳାରେ ଯୋଗଦେଇଥିବା ଅଧିକାରୀମାନେ।

ଯାଜପୁର ଜିଲା ପ୍ରଶାସନ ଓ ଜିଲା ସୂଚନା ଏବଂ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଜିଲା ଫାଷ୍ଟ ଆପିଲେଟ ଅଧିକାରୀ ଓ ଜନ ସୂଚନା ଅଧିକାରୀଙ୍କ ପାଇଁ ଏକ ଦିନିଆ ସୂଚନା ଅଧିକାର ଅଧିନିୟମ କର୍ମଶାଳା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଜିଲାପାଳ ଅମ୍ବର କୁମାର କର ଯୋଗଦେଇ କର୍ମଶାଳାକୁ ଉଦ୍‌ଘାଟନ କରିଥିଲେ। ଲୋକଙ୍କ ସୂଚନା ଅଧିକାରକୁ ସମ୍ମାନ ଦେବାସହ ପ୍ରଶାସନ ଉତ୍ତରଦାୟୀ ରହିବା ଉଚିତ ଏବଂ ସୂଚନା ଅଧିକାର ଆଇନ ନାଗରିକଙ୍କୁ ସଶକ୍ତ କରୁଛି ବୋଲି ଜିଲାପାଳ କହିଥିଲେ। ସୂଚନା ଅଧିକାର ଗଣତନ୍ତ୍ରକୁ ସୁଦୃଢ଼ କରେ ଏବଂ ଶାସନରେ ସ୍ୱଚ୍ଛତା ଆଣେ ବୋଲି ଅତିଥିମାନେ ମତ ଦେଇଥିଲେ। କାର୍ଯ୍ୟକ୍ରମରେ ଜିଲାର ବିଭିନ୍ନ ବ୍ଲକ, ତହସିଲ ଏବଂ ବିଭିନ୍ନ ବିଭାଗରୁ ଜନ ସୂଚନା ଅଧିକାରୀ(ପିଆଇଓ)ମାନେ ଯୋଗ ଦେଇଥିଲେ। ରିସୋର୍ସ ପର୍ସନ ସଂଗ୍ରାମ ପୃଷ୍ଟି ସୂଚନା ଅଧିକାର ଆଇନ ୨୦୦୫ର ବିଭିନ୍ନ ଦିଗ ଉପରେ ଆଲୋଚନା କରିବା ସହ ସେଣ୍ଟ୍ରାଲ ମନିଟରିଂ ମେକାନିଜିମ୍ ସମ୍ପର୍କରେ ବୁଝାଇଥିଲେ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ଯୁଧିଷ୍ଠିର ନାଏକ, ଅତିରିକ୍ତ ଜିଲାପାଳ ଶିବାନନ୍ଦ ସ୍ୱାଇଁ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ମହାନ୍ତି, ଉପଜିଲାପାଳ ତାପସ ରଞ୍ଜନ ଦେହୁରୀ, ଜିଲାପାଳଙ୍କ କାର୍ଯ୍ୟାଳୟର ଜନ ସୂଚନା ଅଧିକାରୀ ସୁଶ୍ରୀ ଅଲିଭା ଧଳ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ ଉପସ୍ଥିତଥିଲେ। କର୍ମଶାଳା ସହ ଛାତ୍ରୀଛାତ୍ରଙ୍କ ମଧ୍ୟରେ ସୂଚନା ଅଧିକାର ଆଇନ ସଚେତନତା ଜାଗରଣ କରିବା ପାଇଁ ଓଡ଼ିଆ ଏବଂ ଇଂରାଜୀ ଭାଷାରେ ମହାବିଦ୍ୟାଳୟସ୍ତରୀୟ ବକ୍ତୃତା ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏଥିରେ ଅବସରପ୍ରାପ୍ତ ପ୍ରଫେସର ଦାମୋଦର ବେହେରା, ସହକାରୀ ଜିଲାପାଳ ସୁଶ୍ରୀ ଅଲିଭା ଧଳ ଏବଂ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସତ୍ୟବ୍ରତ ପାଣିଗ୍ରାହୀ ବିଚାରକ ଭାବେ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ଅର୍ଥ ରାଶି ସହ ପ୍ରମାଣପତ୍ର ପ୍ରଦାନ କରି ପୁରସ୍କୃତ କରିଥିଲେ।

# କାଏମା ମେଲଣ ଉଦ୍‌ଯାପିତ

କାଏମା,୬।୩(ଶିବ ପ୍ରସାଦ ମହାନ୍ତି)



ଧର୍ମଶାଳା ବ୍ଲକ ଅଧୀନ ୧୩୪ତମ କାଏମା ମେଲଣ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଗୁରୁବାର ସନ୍ଧ୍ୟାରେ ଆରମ୍ଭ ହୋଇଥିବା ଏହି ମେଲଣରେ ଅତିଥି ଭାବେ ସାମାଜିକ କର୍ମୀ ମିନତି ସାହୁ ଓ ଏମ୍‌ପିଙ୍କ ପ୍ରତିନିଧି କାହ୍ନୁଚରଣ ଦାଶ ଯୋଗଦେଇ ମେଲଣର ଉନ୍ନତିକାମନା କରିଥିଲେ। ପରେ କଟକରୁ ଆସିଥିବା ଗାୟକମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହାକୁ ଦେଖିବାକୁ ବହୁ ଦର୍ଶକଙ୍କ ଭିଡ଼ ଜମିଥିଲା। ରାତ୍ର ପ୍ରାୟ ୨ଟାରେ ପ୍ରଥମେ ଥାନପତି ଗୋପୀନାଥ ଜୀଉ ବିମାନ ରୋଷଣୀରେ ଆସି ମେଲଣ ପଡିଆରେ ବିରାଜମାନ କରିଥିଲେ। ଏହାପରେ ଚୋରମୁହାଁ, ଚହଟା, ବାଜବାଟି, ପ୍ରଥମାଖଣ୍ଡି, ଚକଗୋପାଳପୁର, ଉତ୍ତରଶାସନ, ଦକ୍ଷିଣ ଶାସନ, ନିଳାଦେଇପୁର, ନରସିଂହପୁର, ବାଲିଗରୀ, ସ୍ୱାଇଁସାହି, ଉତ୍ତରପ୍ରତାପ ଓ କୋହ୍ଲା ଆଦି ସ୍ଥାନର ଛୋଟ ବଡ଼ ୩୦ରୁ ଊର୍ଦ୍ଧ୍ୱ ବିମାନ ବାଜା, ବାଣ ରୋଷଣୀ ସହ ଆସି ମେଳାପଡ଼ିଆସ୍ଥିତ ଚାରାରେ ବିଜେ କରିଥିଲେ। ମେଲଣ ଦେଖିବାକୁ ଆଖପାଖ ଅଞ୍ଚଳର ହଜାର ହଜାର ସଂଖ୍ୟାରେ ଦର୍ଶକଙ୍କ ଭିଡ଼ ଜମିଥିଲା। ଶାନ୍ତି ଶୃଙ୍ଖଳା ରକ୍ଷା ଲାଗି ମେଲଣ କମିଟି ଓ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ସ୍ୱାଭିମାନ ମଞ୍ଚ, ଅସହାୟ ବନ୍ଧୁ, କାଏମା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, କାଏମା ଡ୍ରାଇଭର ସଂଘ ଏବଂ ଅନ୍ୟ ସଂଗଠନ ପକ୍ଷରୁ ଜଳଛତ୍ର ବ୍ୟବସ୍ଥା କରାଯାଇଥିଲା।

ମେଲଣ କମିଟି ସଭାପତି ମଧୁସୂଦନ ସାହୁ, ଉପସଭାପତି ମାୟାଧର ସେନାପତି, ତପନ କିଶୋର ଷଡ଼ଙ୍ଗୀ, ଉପଦେଷ୍ଟା ପଦ୍ମନାଭ ସାହୁ, ସମ୍ପାଦକ କୁଳମଣି ସ୍ୱାଇଁ, ସହସମ୍ପାଦକ ଧ୍ରୁବଚରଣ ପୃଷ୍ଟି, କୋଷାଧ୍ୟକ୍ଷ ପ୍ରଦୀପ୍ତ କିଶୋର ମହଲା, ସଭ୍ୟ ମନୋଜ ମହାରଣା, ସନ୍ତୋଷ ସେଠୀ ଓ ବିଭିନ୍ନ ସାହିର ସଦସ୍ୟ ଉପସ୍ଥିତ ରହି ମେଲଣ ପରିଚାଳନାରେ ସହଯୋଗ କରିଥିଲେ।

# ଟ୍ରକ୍ ଧକ୍କାରେ ଡାକ୍ତରଖାନା କର୍ମଚାରୀ ମୃତ

ରସୁଲପୁର, ୬।୩ (ରଞ୍ଜିତ ରାଉତ)

କୁଆଖିଆ ଥାନା ଅନ୍ତର୍ଗତ ୧୬ନମ୍ବର ଜାତୀୟ ରାଜପଥର ରସୁଲପୁର ବ୍ଲକ କାର୍ଯ୍ୟାଳୟ ସମ୍ମୁଖ ପୋଲରେ ଶୁକ୍ରବାର ପୂର୍ବାହ୍ନ ୧୧ଟାରେ ଏକ ଟ୍ରକ ଧକ୍କାରେ ଜଣେ ଡାକ୍ତରଖାନା କର୍ମଚାରୀଙ୍କ ମୃତ୍ୟୁ ହୋଇଛି। ମୃତ ଯୁବକ ଭଦ୍ରକ ଜିଲା ବାସୁଦେବପୁର ଥାନା ଅନ୍ତର୍ଗତ ନୂଆଗାଁ ଅଞ୍ଚଳର ସତ୍ୟଜିତ୍ ବାରିକ(୩୦) ବୋଲି ଜଣାଯାଇଛି। ସେ ଭଦ୍ରକ ଜିଲାର ଏକ ଡାକ୍ତରଖାନାରେ କିରାଣି ଭାବରେ କାର୍ଯ୍ୟରତ ଥିଲେ। କୌଣସି ଏକ କାର୍ଯ୍ୟରେ ବାସୁଦେବପୁରରୁ ଭୁବନେଶ୍ୱର ଅଭିମୁଖେ ଯାଉଥିବା ସମୟରେ ଦୁର୍ଘଟଣାର ସମ୍ମୁଖିନ ହୋଇଥିଲେ। ରାଜପଥ ଉପରେ ଭୁଶୁଡି ପଡିଥିବା ପୋଲ ଅଞ୍ଚଳରେ ଗୋଟିଏ ପଟ ରାସ୍ତାରେ ଗାଡି ଯାତାୟାତ କରୁଛି। ଏଥିଯୋଗୁ ଗାଡ଼ି ଜାମ ହେଉଥିବାରୁ ପଛରୁ ଆସୁଥିବା ଏକ ଟ୍ରକ ସତ୍ୟଜିତ୍‌ଙ୍କ ବାଇକକୁ ଧକ୍କା ଦେଇଥିଲା। ଫଳରେ ସେ ରାସ୍ତା ଉପରେ ଛିଟିକି ପଡିଥିଲେ। ଟ୍ରକଟି ତାଙ୍କ ଉପରେ ଚଢି ଯିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଖବର ପାଇ କୁଆଖିଆ ଥାନା ଏଏସ୍‌ଆଇ ସୁଦର୍ଶନ ଜେନାଙ୍କ ନେତୃତ୍ୱରେ ଏକ ପୋଲିସ ଟିମ୍ ପହଞ୍ଚି ମୃତଦେହ ଜବତ କରିଥିଲା।

ପ୍ରତ୍ୟେକ୍ଷଦର୍ଶୀଙ୍କ ସୂଚନା ମୁତାବକ ଦୁର୍ଘଟଣା ଘଟାଇଥିବା ଟ୍ରକ ଘଟଣା ସ୍ଥଳରୁ ଫେରାର ହୋଇଯାଇଥିଲା। ଉକ୍ତ ଟ୍ରକକୁ ପୋଲିସ ପାଟ୍ରୋଲିଂ ଭ୍ୟାନ ପିଛାକରି କାବୁ କରିଥିଲା। ଦୁର୍ଘଟଣା ଯୋଗୁ ରାସ୍ତାରେ ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ପୋଲିସ ରାସ୍ତା ଜାମ ହଟାଇ ଗାଡି ଚଳାଚଳ ସ୍ୱାଭାବିକ କରିଥିଲା। ଏ ସମ୍ପର୍କରେ ମୃତ ଯୁବକଙ୍କ ପରିବାର ଲୋକଙ୍କୁ ଅଭିଯୋଗ ହେବାପରେ ପୋଲିସ ନଂ.୧୧୦/୨୬ରେ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ଏଏସ୍‌ଆଇ ଜେନା ମାମଲାର ତଦନ୍ତ କରୁଛନ୍ତି।

ପ୍ରକାଶଯୋଗ୍ୟ, ୨୦୨୩ରେ ବ୍ଲକ ସମ୍ମୁଖ ପୋଲ ଭୁଶୁଡି ପଡିଥିଲା। ଉକ୍ତ ନିର୍ମାଣ କାର୍ଯ୍ୟ ସଂପୂର୍ଣ୍ଣ ହୋଇଛି। ମାତ୍ର ରାଜପଥ କର୍ତ୍ତୃପକ୍ଷଙ୍କ ଖାମଖିଆଲ ମନୋଭାବ ଯୋଗୁ ପୋଲ କାର୍ଯ୍ୟକ୍ଷମ ହୋଇପାରୁ ନାହିଁ। ଫଳରେ ଗୋଟିଏ ପାର୍ଶ୍ୱସ୍ଥ ରାଜପଥ ଦେଇ ଗାଡି ଚଳାଚଳ କରୁଛି। ଏଥିଯୋଗୁ ବାରମ୍ବାର ଦୁର୍ଘଟଣା ଘଟି ଧନଜୀବନ ପ୍ରତି ବିପଦ ସୃଷ୍ଟି ହେଉଛି। ନୂତନ ପୋଲକୁ ତୁରନ୍ତ କାର୍ଯ୍ୟକ୍ଷମ କରିବାକୁ ସାଧାରଣରେ ଦାବି ହେଉଛି।

# ମହିଳା ଦିବସ ଉପଲକ୍ଷେ ସାମୂହିକ କ୍ରୀଡ଼ା କାର୍ଯ୍ୟକ୍ରମ



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅଧିକାରୀମାନେ।

ଯାଜପୁର ଟାଉନ,୬।୩ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି)

ଆନ୍ତର୍ଜାତିକ ମହିଳା ଦିବସ-୨୦୨୬ ଉପଲକ୍ଷେ ଶୁକ୍ରବାର ଯାଜପୁର ଜିଲା ପ୍ରଶାସନ, ଭାରତୀୟ କ୍ରୀଡ଼ା ପ୍ରାଧିକରଣ ଏବଂ ମାଇଁ ଭାରତ ପକ୍ଷରୁ ସାମୂହିକ କ୍ରୀଡ଼ା କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଏହି ପରିପ୍ରେକ୍ଷୀରେ ମାର୍ଚ୍ଚ ୬ରେ ଶକ୍ତି ସ୍ୱରୂପିଣୀ, ମାର୍ଚ୍ଚ ୭ରେ ସଶକ୍ତ ନାରୀ ସଶକ୍ତ ରାଷ୍ଟ୍ର, ମାର୍ଚ୍ଚ ୮ରେ ଶକ୍ତିର ଗତି ରାଷ୍ଟ୍ରର ପ୍ରଗତି ଥିମ୍‌କୁ ନେଇ ୩ ଦିନିଆ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଶକ୍ତି ସ୍ୱରୂପିଣୀ ବିଷୟକୁ ନେଇ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଯାଜପୁର ଉପଜିଲାପାଳ ତାପସ ରଞ୍ଜନ ଦେହୁରୀ, ସମ୍ମାନିତ ଅତିଥି ଭାବରେ ଉପଖଣ୍ଡ ପୋଲିସ ଅଧିକାରୀ ପ୍ରଶାନ୍ତ କୁମାର ମାଝୀ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ ଓ ଜିଲା କ୍ରୀଡା ଅଧିକାରୀ ଫକୀର ମୋହନଙ୍କ ଟୁଡୁ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଅଙ୍ଗନୱାଡି କର୍ମୀ ଏବଂ ସ୍ୱୟଂ ସହାୟିକା ଗୋଷ୍ଠୀ ଓ ବିଭିନ୍ନ ମହାବିଦ୍ୟାଳୟ ଏବଂ ବିଦ୍ୟାଳୟର ଛାତ୍ରୀମାନେ ଯୋଗଦାନ କରିଥିଲେ। ଏଥିରେ ଶାରୀରିକ ସୁସ୍ଥତା, ଯୋଗ ଶିବିର, ଜୁମ୍ବା ଏରୋବିକ୍ସ, ପାରମ୍ପରିକ କ୍ରୀଡ଼ା ଓ ସଙ୍ଗୀତ ତାଳରେ ବ୍ୟାୟାମ ନୃତ୍ୟ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଯୋଗ ଦ୍ୱାରା ଆମ ଶରୀର, ମନ ସୁସ୍ଥ ରହିବ, ଏକାଗ୍ରତା ଜାଗ୍ରତ ହେବ ବୋଲି ଅତିଥିମାନେ ମତ ଦେଇଥିଲେ।

# ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚର କାର୍ଯ୍ୟକାରୀ କମିଟି ବୈଠକ


ବୈଠକରେ ଯୋଗଦେଇଥିବା କର୍ମକର୍ତ୍ତା।

ବଡ଼ଚଣା,୬।୩(ଦିଲୀପ କୁମାର ମହାନ୍ତି)

ଚଣ୍ଡିଖୋଲ ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚର ଏକ କାର୍ଯ୍ୟକାରୀ କମିଟି ବୈଠକ ମଞ୍ଚ ପ୍ରେକ୍ଷାଳୟରେ ସ୍ଥାୟୀ ସଭାପତି ଶେଷଦେବ ନାୟକଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସମ୍ପାଦକ ଲକ୍ଷ୍ମୀଧର ସାହାଣୀ, ଉପସଭାପତି କ୍ଷୀରୋଦ ମାହାଲା, କୋଷାଧ୍ୟକ୍ଷ ଉତ୍ତମ ରଣା, କାର୍ଯ୍ୟକାରୀ ସଭ୍ୟ ବ୍ରହ୍ମାନନ୍ଦ ଦାଶ, ସନ୍ତୋଷ ବିଶ୍ୱାଳ, ବିଜୟ ଜେନା, ରଞ୍ଜନ ଜେନା, ବଟକୃଷ୍ଣ ଜେନା, ଶରତ ଚନ୍ଦ୍ର ସେଠୀ, ସୀତାନାଥ ସାହୁ, ଜଗବନ୍ଧୁ ସାହୁ, ମଦନ ମୋହନ ବଳ, ଶିବରାମ ସାହୁ, ଈଶ୍ୱର ଚନ୍ଦ୍ର ସାମଲ, ଦୁଷ୍ମନ୍ତ ସ୍ୱାଇଁ, ଲୋକନାଥ ସେନାପତି, ସେକ କରାମତ ତୁଲା, ଆଶୋକ ରାଉତ, କେଶବ ଖଣ୍ଡାଇଙ୍କ ସମେତ ଅନ୍ୟ ବରିଷ୍ଠ ନାଗରିକ ଯୋଗଦେଇଥିଲେ।

ପ୍ରାରମ୍ଭରେ ଗାୟକ ଜଗବନ୍ଧୁ ସାହୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦ ଭିକ୍ଷାକରି ଜଗନ୍ନାଥ ଭଜନ ପରିବେଷଣ କରିଥିଲେ। ବରିଷ୍ଠ ନାଗରିକଙ୍କ ସୁରକ୍ଷା ପାଇଁ ଏଠାରେ ବରିଷ୍ଠ ନାଗରିକ ମଞ୍ଚ ଗଠନ କରାଯାଇଛି, କେହି ଅସୁବିଧାରେ ପଡ଼ିଲେ ସେମାନଙ୍କୁ ଥାନା ପକ୍ଷରୁ ସମ୍ପୂର୍ଣ୍ଣ ସହଯୋଗ କରିବା ପାଇଁ ସଭାପତି ନାୟକ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରିଥିଲେ। ନୂତନ ସଭ୍ୟ ଗ୍ରହଣ କରିବା ପାଇଁ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ମଞ୍ଚଗୃହରେ ପାନୀୟ ଜଳ ସୁବିଧା ପାଇଁ ସରକାର ଯେଉଁ ସୁବିଧା ଯୋଗାଇଛନ୍ତି ତାହାକୁ ନେଇ କମିଟିରେ ଆନନ୍ଦ ପ୍ରକାଶ ପାଇଥିଲା। ଏହି ବରିଷ୍ଠ ନାଗରିକଙ୍କ ପାଇଁ ତୀର୍ଥଯାତ୍ରା ସୁବିଧା ଯୋଗାଇ ଦେବାକୁ ଦାବି କରାଯାଇଥିଲା। ସେହିପରି ବାର୍ଦ୍ଧକ୍ୟ ଭତ୍ତା ୩୦୦୦ଟଙ୍କା ପ୍ରଦାନ କରାଯିବାକୁ ରାଜ୍ୟ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରାଯାଇଥିଲା।

# ନାବାଳିକାଙ୍କୁ ପ୍ରତାରଣା, ଅଭିଯୁକ୍ତ ଯୁବକ ଗିରଫ

ରସୁଲପୁର,୬।୩(ରଞ୍ଜିତ ରାଉତ)

ନାବାଳିକାଙ୍କୁ ପ୍ରତାରଣା ଅଭିଯୋଗରେ କୁଆଖିଆ ପୋଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଉକ୍ତ ଥାନା ଅନ୍ତର୍ଗତ ନଠୁଆବର ପଞ୍ଚାୟତ ଟାକୁଆଠେଙ୍ଗ ଗ୍ରାମର ନିଶିକାନ୍ତ ରାଉତ। ଜେନାପୁର ଥାନା ଅଞ୍ଚଳର ଜଣେ ନାବାଳିକା ପିଲାବେଳୁ ଉକ୍ତ ଥାନା ଅଞ୍ଚଳରେ ତାଙ୍କ ମାମୁ ଘରେ ରହି ପାଠ ପଢୁଥିଲେ। ଏହି ସମୟରେ ନାବାଳିକାଙ୍କ ସଂସ୍ପର୍ଶରେ ଯୁବକ ଆସିଥିଲେ। ଉଭୟଙ୍କ ମଧ୍ୟରେ ପ୍ରେମ ସଂପର୍କ ଗଢି ଉଠିଥିଲା। ଯୁବକ ମିଥ୍ୟା ପ୍ରତିଶ୍ରୁତି ଦେଇ ନାବାଳିକାଙ୍କ ସହ ଶାରିରୀକ ସମ୍ପର୍କ ରଖିଥିଲେ। ଫଳରେ ସେ ୨ମାସର ଗର୍ଭବତୀ ହୋଇଥିଲେ। ଅଭିଯୁକ୍ତ ଅବଗତ ହୋଇ ନାବାଳିକାଙ୍କୁ ଔଷଧ ଦେଇ ଗର୍ଭପାତ କରାଇବାକୁ ପରାମର୍ଶ ଦେଇଥିଲେ। ଔଷଧ ସେବନ ଦ୍ୱାରା ନାବାଳିକାଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତର ହୋଇପଡ଼ିଥିଲା। ପରିବାର ଲୋକେ ତାଙ୍କୁ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଏହାପରେ ନାବାଳିକାଙ୍କ ପରିବାର ଲୋକଙ୍କ ପକ୍ଷରୁ ଅଭିଯୁକ୍ତଙ୍କ ପରିବାର ଲୋକଙ୍କୁ ଅବଗତ କରାଯାଇଥିଲା। ମାତ୍ର ଅଭିଯୁକ୍ତ ନାବାଳିକାଙ୍କ ପରିବାର ଲୋକଙ୍କୁ ଗାଳିଗୁଲଜ କରିବା ସହ ଅଭିଯୋଗକାରୀଙ୍କୁ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଏହି ଘଟଣାକୁ ନେଇ ଥାନାରେ ନଂ.୧୦୨/୨୬ରେ ଏକ ମାମଲା ରୁଜୁ ହୋଇଛି। ଏସ୍‌ଆଇ ଅନିତା ଜେନା ମାମଲାର ତଦନ୍ତ କରୁଛନ୍ତି।

# ଝୁମ୍ପୁରି ହାଟ ମେଲଣ


ମେଲଣରେ ସାମିଲ ହୋଇଥିବା ବିମାନ।

ଦଶରଥପୁର,୬।୩(ସୁଶାନ୍ତ କୁମାର ବେହୁରିଆ)

ଦଶରଥପୁର ବ୍ଲକ ଅନ୍ତର୍ଗତ ଝୁମ୍ପୁରୀ ବଜାରଠାରେ ଝୁମ୍ପୁରୀ ହାଟ ମେଲଣ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଖପାଖ ପଞ୍ଚାୟତରୁ ୪୩ରୁ ଊର୍ଦ୍ଧ୍ୱ ବିମାନ ସାମିଲ ହୋଇଥିଲେ। ପାଟଣା, ଦାଣ୍ଡିସାହି, ବାଙ୍ଗାଳି ସାହି, ତରାଙ୍ଗ, ଚନ୍ଦକୁଡ଼ା, ମୁଗପଦା, କଟିଗଟା, ପାଇକସାହି, ଚଣ୍ଡିଗୋଳ ଓ ବିତନାରୁ ବିମାନଗୁଡ଼ିକ ଘଣ୍ଟା, ମୃଦଙ୍ଗ, ଡିଜେ, ବ୍ୟଣ୍ଡପାର୍ଟି ଓ ଘୋଡା ନାଚ ଆଦି ସାଜସଜ୍ଜାରେ ମେଲଣ ପଡ଼ିଆକୁ ଆସିଥିଲେ। ପ୍ରାୟ ୧୦ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ସମାଗମ ହୋଇଥିଲା। ସନ୍ଧ୍ୟାରେ କୁନିକୁନି ପିଲାଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସୁଜିତ ନାୟକ ଓ ଅଶୋକ ସାହୁଙ୍କ ତତ୍ତ୍ୱାବଧାନରେ ଏହି ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସମସ୍ତ ପ୍ରତିଯୋଗୀଙ୍କୁ କମିଟି ପକ୍ଷରୁ ପୁରସ୍କୃତ କରାଯାଇଥିଲା। ପଟଣା ଗ୍ରାମର ରାଧାମଦନ ମୋହନଜୀଉ ଥାନପତି ଭାବେ ଯୋଗ ଦେଇଥିଲେ। ମେଲଣ କମିଟି ସଭାପତି ଅଶୋକ ମହାପାତ୍ର, ସମ୍ପାଦକ ଜତିନ୍ଦ୍ରନାଥ କର, ସଭ୍ୟ ନବ ପୋଥାଳ, ସୁବ୍ରତ କୁମାର ସାହୁଙ୍କ ସମେତ ସମସ୍ତ କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଉତ୍ସବକୁ ଦଶରଥପୁର ଥାନାଧିକାରୀ ସୁବ୍ରତ କୁମାର ସାହୁ ଉଦ୍‌ଘାଟନ କରିଥିଲେ। ସାମାଜିକ କର୍ମୀ କର୍ଣ୍ଣାଟକେଶରୀ ଦାସ, ସରୋଜ ମହାପାତ୍ର, ପ୍ରଦୀପ ମହାନ୍ତି, ଜିଲାପରିଷଦ ସଭ୍ୟା ମନସ୍ୱିନୀ ଦାସ ପ୍ରମୁଖ ଉପସ୍ଥିତଥିଲେ।

# ମହିଳାଙ୍କ ଆତ୍ମହତ୍ୟା

ପାଣିକୋଇଲି,୬।୩(ବିକାଶ ମଲ୍ଲିକ)

ପାଣିକୋଇଲି ଥାନା ଅନ୍ତର୍ଗତ ବଡ଼ବିରୁହାଁ ପଞ୍ଚାୟତ ସୋଲପଟା ଗ୍ରାମରେ ଗୁରୁବାର ରାତିରେ ଜଣେ ମହିଳା ବିଷପିଇ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ଗ୍ରାମର ନିରଞ୍ଜନ ବିଶ୍ୱାଳଙ୍କ ସ୍ତ୍ରୀ ସୁଜାତା ବିଶ୍ୱାଳ। ବୁଧବାର ସୁଜାତା ବିଷ ପିଇଦେଇଥିଲେ। ତାଙ୍କୁ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାର ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ଏନେଇ ନିରଞ୍ଜନ ଶୁକ୍ରବାର ଥାନାରେ ଅଭିଯୋଗ କରିଥିଲେ। ଏହାପରେ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇ ତାଙ୍କ ପରିବାରକୁ ହସ୍ତାନ୍ତର କରିଥିଲା। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ନଂ.୪/୨୬ ରୁଜୁ ହୋଇଛି।

# ପାଲଟପୁର ପଞ୍ଚାୟତରେ ସ୍ୱାସ୍ଥ୍ୟ ଶିବିର

ଦଶରଥପୁର,୬।୩(ସୁଶାନ୍ତ କୁମାର ବେହୁରିଆ)


ଶିବିରରେ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି।

ଯାଜପୁର ଜିଲପାଳ ଅମ୍ବର କୁମାର କରଙ୍କ ନିର୍ଦ୍ଦେଶକ୍ରମେ ଦଶରଥପୁର ବ୍ଲକ ଅଧୀନ ପାଲଟପୁର ପଞ୍ଚାୟତରେ ଏକ ମେଗା ସ୍ୱାସ୍ଥ୍ୟ ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଜିଲା ମୁଖ୍ୟ ଚିକିତ୍ସାଳୟ ଏବଂ ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମିଳିତ ଉଦ୍ୟମରେ ଏହି ଶିବିର ଆୟୋଜନ କରାଯାଇଥିଲା। ଜିଲାମୁଖ୍ୟ ଚିକିତ୍ସାଳୟର ଏଡିପିଏଚ୍‌ଓ ଡା. ରମେଶ ଚନ୍ଦ୍ର ମଲିକ ଶିବିରକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ବିଜୟ କୁମାର ମିଶ୍ର, ବିଡିଓ ଆକାଶ ପଟ୍ଟନାୟକ, ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଅମ୍ରିତା ପ୍ରିତମ ମଲ୍ଲ, ଭରତ ଚନ୍ଦ୍ର ପରିଡା, ସରପଞ୍ଚ ଲିପିକା ମଲିକ, ଯୁବନେତା ଚନ୍ଦ୍ର ଶେଖର ସାହୁ ପ୍ରମୁଖ ଯୋଗଦେଇଥିଲେ। ଶିବିରରେ ୨୫୮ ଜଣ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ସେମାନଙ୍କୁ ଔଷଧ ପ୍ରଦାନ କରାଯାଇଥିଲା। ଜିଲା ମୁଖ୍ୟ ଚିକିତ୍ସାଳୟରୁ ଡା. ଆକାଶ ଦାସ ମହାପାତ୍ର, ଡା. ବିଶ୍ୱଜିତା ପଣ୍ଡା, ଡା. ପାର୍ବତୀ ରାଉତ, ଡା. ପ୍ରୀତି ରାଉତ, ନିଝୁମ ମହାପାତ୍ର, ଜ୍ୟୋତିରଞ୍ଜନ ରାଉତ, ଦୋଳଗୋବିନ୍ଦ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡା. ଝରଣା ଦଳାଇ, ଫାର୍ମାସିଷ୍ଟ ବିଜ୍ଞାନ ରଞ୍ଜନ ରାୟ, ପିଏଚଓ ବନିତା ଦାସ, ଅଜୟ କର, ଚନ୍ଦ୍ରଜିତ ପତି, ମୁକୁନ୍ଦ ଚନ୍ଦ୍ର ନାୟକ, ନିରାକାର ଦାସ ପ୍ରମୁଖ ରେଜିଷ୍ଟ୍ରେସନ, ପରାମର୍ଶ, ଔଷଧ ବଣ୍ଟନ ଆଦି କାର୍ଯ୍ୟରେ ସହଯୋଗ କରିଥିଲେ।

# ପଞ୍ଚାୟତିରାଜ ଦିବସକୁ ଭୁଲିଗଲେ ସରକାର

ରସୁଲପୁର,୬।୩ (ରଞ୍ଜିତ ରାଉତ)

## ମନେପଡ଼ିଲେନି ପ୍ରବାଦ ପୁରୁଷ ବିଜୁବାବୁ

ରସୁଲପୁର ବ୍ଲକ ଅଞ୍ଚଳରେ ପଞ୍ଚାୟତିରାଜ ଦିବସ ପାଳନ ହୋଇନାହିଁ। ଚଳିତବର୍ଷ ଏହି ଦିବସ ପାଳନ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ପଞ୍ଚାୟତ, ସରକାରୀ କାର୍ଯ୍ୟାଳୟକୁ ପାଳନ କରିବା ପାଇଁ କୌଣସି ସରକାରୀ ମାର୍ଗଦର୍ଶିକା ଜାରି କରାଯାଇନଥିବା ଜଣାପଡିଛି। ଚଳିତବର୍ଷ ୫ ମାର୍ଚ୍ଚରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀରେ ପଞ୍ଚାୟତିରାଜ ଦିବସ ପାଳନ ହୋଇନାହିଁ। ପଞ୍ଚାୟତ, ବ୍ଲକ ଓ ଅନ୍ୟସମସ୍ତ ସରକାରୀ କାର୍ଯ୍ୟାଳୟରେ ସାଧାରଣ କାର୍ଯ୍ୟ ଦିବସ ଭାବେ ପରିଚାଳିତ ହୋଇଛି। ଏହି ଦିନରେ ପଞ୍ଚାୟତିରାଜ ଦିବସକୁ ନେଇ କୌଣସି ଚର୍ଚ୍ଚା ଆଲୋଚନା କରାଯାଇନାହିଁ କି ଓଡ଼ିଶା ରାଜ୍ୟରେ ତ୍ରିସ୍ତରୀୟ ପଞ୍ଚାୟତିରାଜ ଦିବସର ଜନକ ଭାବେ ପରିଚିତ ବିଜୁବାବୁଙ୍କୁ କେହି ମନେ ପକାଇନାହାନ୍ତି। ଏହାକୁ ନେଇ ବିଭିନ୍ନ ମହଲରେ ଚର୍ଚ୍ଚା ଆଲୋଚନା ଆରମ୍ଭ ହୋଇଛି।

ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ରାଜ୍ୟରେ ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥା ଲାଗୁ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ପଞ୍ଚାୟତିରାଜ ବ୍ୟବସ୍ଥାରେ ମହିଳାମାନଙ୍କ ଗୁରୁତ୍ୱ, ସମ୍ପୃକ୍ତି, ସହଭାଗିତାକୁ ଦୃଷ୍ଟି ଦେଇ ବ୍ୟବସ୍ଥାରେ ମହିଳାମାନଙ୍କ ପାଇଁ ଶତକଡା ୫୦ଭାଗ ସଂରକ୍ଷଣ ଲାଗୁ କରିଥିଲେ। ତାଙ୍କ ଉଦ୍ୟମରେ ପଞ୍ଚାୟତିରାଜ ବ୍ୟବସ୍ଥାରେ ବହୁତ ପରିବର୍ତ୍ତନ ଆସି ପାରିଥିଲା। ତାଙ୍କର ଜନ୍ମ ଦିବସକୁ ସମଗ୍ର ରାଜ୍ୟରେ ପଞ୍ଚାୟତିରାଜ ଦିବସ ଭାବେ ପାଳନ ହେଉଥିଲା। ଏହି ଦିବସରେ ପଞ୍ଚାୟତରେ ସାଧାରଣ ବୈଠକ, ଗ୍ରାମସଭା, ପଲ୍ଲୀସଭା ଆଦି ଆୟୋଜନ କରାଯାଇ ଗାଁର ଉନ୍ନତି ପାଇଁ ଜନସାଧାରଣଙ୍କ ମତାମତ ନିଆଯାଇ, ତାକୁ କାର୍ଯ୍ୟକାରୀ କରାଯାଉଥିଲା। ଫଳରେ ତୃଣମୂଳସ୍ତରରେ କାର୍ଯ୍ୟ କରୁଥିବା ଜନପ୍ରତିନିଧିଠାରୁ ଆରମ୍ଭ କରି ସରକାରୀ କର୍ମଚାରୀମାନଙ୍କ ହିତ ଉଦ୍ଦେଶ୍ୟରେ ସରକାର ନେଉଥିବା ପଦକ୍ଷେପ ସମ୍ପର୍କରେ ଘୋଷଣା କରାଯାଉଥିଲା। ଚଳିତବର୍ଷ ପଞ୍ଚାୟତିରାଜ ଦିବସ ପାଳନ ବନ୍ଦ କରାଯାଇଛି। ଏ ନେଇ ବଡକଇଁଚି ସରପଞ୍ଚ ଅଶୋକ କୁମାର ମଲ୍ଲିକଙ୍କୁ ପଚାରିବାରେ ପଞ୍ଚାୟତସ୍ତରରେ ମାର୍ଚ୍ଚ ୫ରେ ପଞ୍ଚାୟତିରାଜ ଦିବସ ପାଳନ କରା ନ ଯିବା ନିଷ୍ପତ୍ତି ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଓ ହାସ୍ୟସ୍ପଦ। ଏହା ବିଜୁବାବୁଙ୍କ ପ୍ରତି ଘୋର ଅସମ୍ମାନ ବୋଲି ସେ କହିଛନ୍ତି। ଶ୍ରୀବନ୍ତପୁର ସମିତିସଭ୍ୟା ସୌଦାମିନୀ ସାମଲଙ୍କୁ ପଚାରିବାରେ ବିଜୁବାବୁଙ୍କ ଜୟନ୍ତୀକୁ ପଞ୍ଚାୟତିରାଜ ଦିବସ ଭାବେ ପାଳନ କରା ନ ଯିବା ଅତ୍ୟନ୍ତ ନିନ୍ଦନୀୟ ଘଟଣା। ରାଜ୍ୟରେ ପଞ୍ଚାୟତିରାଜ ବ୍ୟବସ୍ଥାକୁ ସୁଦୃଢ କରିବା, ମହିଳାଙ୍କୁ ରାଜନୈତିକ ଓ ସାମାଜିକ କ୍ଷେତ୍ରରେ ଆଗକୁ ଆଣିବାରେ ସେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ତାଙ୍କୁ ଭୁଲିବା ପାଇଁ ହୀନ ଚକ୍ରାନ୍ତ କରାଯାଇଛି। ଦଳମତ ନିର୍ବିଶେଷରେ ଏହି ଦିବସକୁ ପାଳନ କରିବାର ଆବଶ୍ୟକତା ଥିଲା ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ନୂତନ ଗୃହ ଉଦ୍‌ଘାଟନ

**ପଟ୍ଟାମୁଣ୍ଡାଇ, ୬।୩ (କଳ୍ପତରୁ ନାୟକ)**

କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା ଶୁକ୍ରବାର ଓଡ଼ିଶା ଗସ୍ତରେ ଥାଇ ଭର୍ଚୁଆଲ୍ ମାଧ୍ୟମରେ ଅନେକ ନୂଆ ଥାନାର ନୂତନ ଗୃହର ଉଦ୍‌ଘାଟନ କରିଛନ୍ତି। ସେଥିରୁ କେନ୍ଦ୍ରାପଡା ଜିଲା ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନାକୁ ଗୃହମନ୍ତ୍ରୀ ଶାହା ଭର୍ଚୁଆଲ ମୋଡ୍‌ରେ ଉଦ୍‌ଘାଟନ କରିଛନ୍ତି। କେନ୍ଦ୍ରାପଡା ଅତିରିକ୍ତ ଏସ୍‌ପି ପ୍ରଭାତ କୁମାର ବିଶ୍ୱାଳ, ଡିଏସ୍‌ପି ସରୋଜ ସାହୁଙ୍କ ତତ୍ତ୍ୱାବଧାନରେ ଗ୍ରାମାଞ୍ଚଳ ଥାନାରେ ଆୟୋଜିତ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ରାଜନଗର ବିଧାୟକ ଧ୍ରୁବ ସାହୁ, ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ଉପାଧ୍ୟକ୍ଷା ଜୟନ୍ତୀ ସ୍ୱାଇଁ, ପଟ୍ଟାମୁଣ୍ଡାଇ ଏସ୍‌ଡିପିଓ ସୁକାନ୍ତ ପାତ୍ର, ଗ୍ରାମାଞ୍ଚଳ ଥାନା ଆଇଆଇସି ଶ୍ରୀକାନ୍ତ ବାରିକଙ୍କ ସମେତ ବହୁ ବୁଦ୍ଧିଜୀବୀ, ବିଭିନ୍ନ ପଞ୍ଚାୟତ ସରପଞ୍ଚ, ସମିତିସଭ୍ୟା/ସଭ୍ୟ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ।

### ଚଉଦକୁଲାଟରେ ଦୋଳ ମେଳଣ

**କେନ୍ଦ୍ରାପଡ଼ା,୬।୩ (ଜଗନ୍ନାଥ ଧଳ)**

କେନ୍ଦ୍ରାପଡ଼ା ବ୍ଲକ୍ ଚଉଦକୁଲାଟସ୍ଥ ଶ୍ରୀ ଦଧିବାମନଜୀଉଙ୍କ ନବଦିନ ଧରି ଅନୁଷ୍ଠିତ ବସନ୍ତ ରାସ ଉତ୍ସବ ଓ ଦୋଳମେଳଣ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି । ଏହି ମେଳଣରେ ୩୦ରୁ ଊର୍ଦ୍ଧ୍ୱ ବିମାନ ସାମିଲ ହେବା ସହିତ ବସନ୍ତରାସ କୁଞ୍ଜି ରାମ ପରିଷଦ ପକ୍ଷରୁ ବାର୍ଷିକ ପତ୍ରିକା ତମାଳ କ୍ଷେତ୍ର ଲୋକାର୍ପଣ ହୋଇଛି। ଏ ସମ୍ପର୍କରେ ଶ୍ରୀଜୀଉଙ୍କ ସେବାୟତ କିଶୋର ଚନ୍ଦ୍ର ମିଶ୍ର କହିଛନ୍ତି, ତମାଳକ୍ଷେତ୍ରାଧିପତି ଶ୍ରୀଜୀଉଙ୍କ ପାରମ୍ପରିକ ରୀତିନୀତିରେ ୩ଟି ରାସ ଉତ୍ସବ ଜଡିତ ଅଛି। ବସନ୍ତଋତୁରେ ଶ୍ରୀଜୀଉଙ୍କ ବିଜେ ପ୍ରତିମା ଶ୍ରୀ ଗୋପୀନାଥଜୀଉଙ୍କର ରାସ ଉତ୍ସବ ଶ୍ରଦ୍ଧାଳୁଙ୍କ ସର୍ବାଧିକ ଆକର୍ଷିତକରେ ଦୋଳ ମେଳଣରେ ବିମାନ ଅଧୀଶ୍ୱରଙ୍କୁ ଚଣା ଗୁଡଠାରୁ ଆରମ୍ଭକରି ପାରମ୍ପରିକ ଖଇ, ଉଖୁଡ଼ା, ଫଳମୂଳ ଇତ୍ୟାଦି ଭୋଗ ହୋଇଥାଏ। ଏହି ଅବସରରେ ପରିଷଦ ପକ୍ଷରୁ ଆୟୋଜିତ ଉତ୍ସବରେ ସାମ୍ପ୍ରତିକ ସମାଜରେ ଅଧ୍ୟାତ୍ମର ଆବଶ୍ୟକତା ଶୀର୍ଷକରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ସାମାଜିକ କର୍ମୀ ଦୁର୍ଗାଶିଷ ମହାନ୍ତି, ତପନ କୁମାର ଦାସ, ଭିକାରୀ ଚରଣ ମହାନ୍ତି, ରାଜକିଶୋର ମିଶ୍ର, ରମାକାନ୍ତ ମିଶ୍ର, ପ୍ରଦୀପ କୁମାର ମିଶ୍ର ଓ ପ୍ରଣବ କୁମାର ମିଶ୍ର ପ୍ରମୁଖ ଆଲୋଚକ ଭାବେ ଯୋଗଦେଇଥିବା ସେବାୟତ ମିଶ୍ର ସୂଚନା ଦେଇଛନ୍ତି। ଉତ୍ସବକୁ ପରିଷଦ ସଦସ୍ୟ, ମନ୍ଦିର ସେବାୟତ ଓ ସ୍ଥାନୀୟ ଯୁବବର୍ଗ ପରିଚାଳନା କରିଥିଲେ।

### ନବକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ

**ରାଜନଗର, ୬।୩ (ଭାସ୍କର ରାଉତରାୟ)**

ଅଖିଳ ବିଶ୍ୱ ଗାୟତ୍ରୀ ପରିବାର କଣ୍ଡିରା ଶାଖା ଆନୁକୂଲ୍ୟରେ ନବକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକ୍ କଣ୍ଡିରାସ୍ଥିତ ଶକ୍ତିପୀଠଠାରେ ଅନୁଷ୍ଠିତ ହୋଇଯାଇଛି। ଧର୍ମଧ୍ୱଜା ଉତ୍ତୋଳନ ପରେ ମାତୃଶକ୍ତିମାନଙ୍କ ଦ୍ୱାରା ଶୁଭକଳସ ଯାତ୍ରା ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ଯୁଗ ସଙ୍ଗୀତ ଓ ପ୍ରବଚନ କାର୍ଯ୍ୟକ୍ରମ ପ୍ରଜ୍ଞାପୁତ୍ର ପ୍ରମୋଦ କୁମାର ପୃଷ୍ଟିଙ୍କ ଦ୍ୱାରା କରାଯାଇଥିଲା। ସରପଞ୍ଚ ହେମଲତା ମାହୁନ୍ତ, ସମିତି ସଭ୍ୟ ଆର୍ତ୍ତବନ୍ଧୁ ମହାନ୍ତି, ଗ୍ରାମ ମୁରବୀ ବ୍ରହ୍ମାନନ୍ଦ ମହାନ୍ତି, ଅଭିରାମ ସଂଗଠନ ପ୍ରମୁଖ ଅରବିନ୍ଦ ମହାନ୍ତି ଅତିଥି ଭାବେ ଯୋଗଦେଇଥିଲେ। ଦ୍ୱିତୀୟ ଓ ତୃତୀୟ ଦିନ ଯଜ୍ଞ ଓ ବିଭିନ୍ନ ସଂସ୍କାର ସହିତ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ବେଡ଼ାରୀ ଦୋଳ ମେଳଣ ୩୦୧ ବର୍ଷରେ ପହଞ୍ଚିଲା


ମେଳଣରେ ହେଉଥିବା ଲଉଡ଼ିଖେଳ।

**ପାଟକୁରା, ୬।୩ (ରବୀନ୍ଦ୍ର ନାଥ ବାରିକ)**

**ପାରମ୍ପରିକ ରାମ-ରାବଣ ଯୁଦ୍ଧ, ରାଧା କୃଷ୍ଣ ରୋଷଣୀରେ ପଡ଼ିଆକୁ ଆସିଲେ**

ଗରଦପୁର ବ୍ଲକ୍ ବେଡାରୀ ଦୋଳ ମଣ୍ଡପରେ ହୋଲି ପର୍ବ ଅବସରରେ ପାରମ୍ପରିକ ଦୋଳ ମେଳଣ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବେଡାରୀ ଗ୍ରାମର ଆରାଧ୍ୟ ଶ୍ରୀ ଦଧିବାମନ ଜୀଉଙ୍କ ମନ୍ଦିର ନିକଟରୁ ସୁସଜିତ ଦୁଇ ଗୋଟି ବିମାନରେ ଠାକୁର ରାଧାକୃଷ୍ଣ ଆସୀନ ହୋଇ ଶୋଭାଯାତ୍ରାରେ ମଙ୍ଗଳବାର ବିଳମ୍ବିତ ରାତିରେ ମେଳଣ ପଡ଼ିଆ ଅଭିମୁଖେ ବାହାରିଥିଲେ । ପାରମ୍ପରିକ ନମ ସଂକୀର୍ତ୍ତନ, ଘଣ୍ଟୁଆ ନୃତ୍ୟ, ଗୋପାଳ ବାଳକଙ୍କ ଲଉଡ଼ି ଖେଳ, ରାମରାବଣ ଯୁଦ୍ଧ, କାଳିକା ନୃତ୍ୟ ମଧ୍ୟରେ ବାଣ ଫୁଟାଇ ଶ୍ରଦ୍ଧାଳୁମାନେ ହରିବୋଲ ହୁଳହୁଳି ପକାଇ ଠାକୁର ରାଧାକୃଷ୍ଣଙ୍କୁ ରୋଷଣୀରେ ପାଛୋଟି ନେଇଥିଲେ। ମେଳଣ ପଡିଆ ଗାଦୀରେ ଠାକୁର ଆସୀନ ହେବାପରେ ଠାକୁରଙ୍କୁ ଦର୍ଶନ ପାଇଁ ଆଖପାଖ ଗ୍ରାମ ବେଡାରୀ, ସୋଲପାଟ, କୁଳଡୁଠି, ଦଳୁଆଣି, ପରକଣା, ଶ୍ରୀଚନ୍ଦନପୁର, ନୂଆପଡା, ଗୋତ୍ରବିଲ, ପଦ୍ମପୁର କିଣିଲୋ, ମହମୁଦା, ହରିଦାସପୁର, ବିଚଣା, ଗୋବଣ୍ଡିଆ, ଯମୁନାବାଦ, ଜଗଦଳପୁର ଓ ପାଟକୁରା ଆଦି ଗ୍ରାମରୁ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଆସିଥିଲେ ।

ଏହି ମେଳଣ ବେଡାରୀ ଗ୍ରାମରେ ଥିବା ପୂର୍ବତନ ଜମିଦାର କାଳୀପଦ ରାୟଙ୍କ ପୂର୍ବପୁରୁଷମାନେ ଆରମ୍ଭ କରିଥିଲେ। ପରବର୍ତ୍ତୀ ସମୟରେ ସରକାର ଜମିଦାରୀ ଉଚ୍ଛେଦ କଲାପରେ ଦୋଳ ମେଳଣ ଦାୟିତ୍ୱ ଗ୍ରାମବାସୀ ନେଇଛନ୍ତି। ସମୟସ୍ରୋତରେ ଅନେକ ପରମ୍ପରା ଲୋପ ପାଇବାକୁ ବସିଥିବା ବେଳେ ଦୋଳ ସମୟରେ ଗାଁରୁ ଚାନ୍ଦା ଆଦାୟ କରି ୩୦୧ବର୍ଷ ଧରି ଗ୍ରାମରେ ଚାଲିଆସିଥିବା ପରମ୍ପରାକୁ ଗ୍ରାମବାସୀ ବଞ୍ଚାଇ ରଖିବା ଏକ ଉଲ୍ଲେଖନୀୟ ଘଟଣା ବୋଲି ଗ୍ରାମର ବରିଷ୍ଠ ନାଗରିକ ଦୟାନିଧି ମଲ୍ଲ, ଗୌରାଙ୍ଗ ସାହୁ, ଧ୍ରୁବ ଚରଣ ସାହୁ, ଅରକ୍ଷିତ ବେହେରା, ଗୋକୁଳା ନନ୍ଦ ବେହେରା ଓ ଗୋକୁଳାନନ୍ଦ ପରିଡ଼ା ପ୍ରମୁଖ ମତବ୍ୟକ୍ତ କରିଛନ୍ତି।

### ଜରାନିବାସରେ ବିବାହ ବାର୍ଷିକୀ ପାଳିଲେ ଦମ୍ପତି


ଜରା ନିବାସରେ ଆଲୋକ ସ୍ୱାଇଁ ଓ ନିରୁପମା ସ୍ୱାଇଁ ବିବାହ ବାର୍ଷିକୀ ପାଳନ କରୁଛନ୍ତି।

**ନାଉଗାଁ, ୬।୩ (ସୁଧା ବେହୁରା)**

ନାଉଗାଁ ବ୍ଲକ ଅନ୍ତର୍ଗତ କୋରୁଅ ଗ୍ରାମର ଆଲୋକ ସ୍ୱାଇଁ ଓ ନିରୁପମା ସ୍ୱାଇଁ ନିଜର ୨୦ତମ ବିବାହ ବାର୍ଷିକୀକୁ ନିଆରା ଢଙ୍ଗରେ ପାଳନ କରିଛନ୍ତି। ଏହି ଅବସରରେ ଦମ୍ପତି ବ୍ଲକ୍‌ଛକ ସ୍ଥିତ ଜରାନିବାସରେ ପହଞ୍ଚିଥିଲେ। ସେଠାରେ ଥିବା ଅନ୍ତେବାସୀଙ୍କୁ ବସ୍ତ୍ର ପ୍ରଦାନ କରିବା ସହ ସେମାନଙ୍କ ସହ ବେଶ୍ କିଛି ସମୟ ବିତାଇଥିଲେ। ଆଶ୍ରାର ସମ୍ପାଦକ ଅଜୟ ଖୁଣ୍ଟିଆ, ଡା. ପୂର୍ଣ୍ଣାନନ୍ଦ ଓଝା, ପ୍ରାକ୍ତନ ପ୍ରଧାନ ଶିକ୍ଷକ ସୁକାନ୍ତ ଲେଙ୍କା ଉପସ୍ଥିତ ରହି ଦମ୍ପତିଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରି ଶୁଭେଚ୍ଛା ଜଣାଇଥିଲେ। ଜରା ନିବାସର ବୃଦ୍ଧାବୃଦ୍ଧଙ୍କ ସହ ମିଶିବା ପରେ ସେମାନେ ଦମ୍ପତିଙ୍କୁ ଆଶୀର୍ବାଦ ପ୍ରଦାନ କରିଥିଲେ।

### ୨ ଥାନାର ନୂତନ ଗୃହ ଉଦ୍‌ଘାଟନ


କୁଜଙ୍ଗ ନୂତନ ଥାନା ଗୃହକୁ ଏମ୍‌ପି ବିଭୁପ୍ରସାଦ ତରାଇ ଉଦ୍‌ଘାଟନ କରୁଛନ୍ତି।

**ନାଉଗାଁ/ କୁଜଙ୍ଗ, ୬।୩ (ସୁଧା ବେହୁରା/ମନୋଜ ପ୍ରଧାନ)**

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ଶୁକ୍ରବାର ନାଉଗାଁ ଥାନା ଓ କୁଜଙ୍ଗ ଥାନାର ନୂତନ ଗୃହ ଉଦ୍‌ଘାଟନ କରିଛନ୍ତି। ଏହାପରେ ନାଉଗାଁରେ ଭାଜପା ଜିଲା ସଭାପତି ପ୍ରତାପ ମିଶ୍ର ଥାନା ପରିସରରେ ଥିବା ଫଳକକୁ ରିମୋଟ୍ ମାଧ୍ୟମରେ ଉଦ୍‌ଘାଟନ କରିଥିଲେ। ଏହି ଉତ୍ସବରେ ଥାନାଧିକାରୀ ଦେବାଶିଷ ପଣ୍ଡା, ପୂର୍ବତନ ବିଧାୟକ ଜ୍ୟୋତିଷ ଚନ୍ଦ୍ର ଦାସ, ସାମାଜିକ କର୍ମୀ ଦିଲୀପ ଲେଙ୍କା, ବ୍ଲକ ଉପାଧ୍ୟକ୍ଷ ସୁଜିତ ପୁହାଣ ପ୍ରମୁଖ ଯୋଗଦେଇଥିଲେ। ସେହିପରି କୁଜଙ୍ଗରେ ନୂତନ ଥାନା ଉଦ୍‌ଘାଟନ ପରେ ଜଗତ୍‌ସିଂହପୁର ଏମ୍‌ପି ବିଭୁ ପ୍ରସାଦ ତରାଇ ଫଳକ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ କୁଜଙ୍ଗ ତହସିଲଦାର ସ୍ୱରୂପ ନନ୍ଦନ ବେହେରା, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସତ୍ୟବ୍ରତ ଦାସ, କୁଜଙ୍ଗ ଥାନା ଅଧିକାରୀ ବଂଶୀଧର ପ୍ରଧାନ, କୁଜଙ୍ଗ ସରପଞ୍ଚ ବନ୍ଦିତା ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲା ମହୋତ୍ସବ କଲ୍ଲୋଳ: ସ୍ମରଣିକା ସବ୍‌କମିଟି ପ୍ରସ୍ତୁତି ବୈଠକ


ପ୍ରସ୍ତୁତି ବୈଠକରେ ପ୍ରଶାସନିକ ଅଧିକାରୀ ଓ କମିଟି ସଦସ୍ୟ।

**ଜଗତ୍‌ସିଂହପୁର, ୬।୩ (ପ୍ରମୋଦ କୁମାର ନାୟକ)**

ଏପ୍ରିଲ ୧ରୁ ୫ ତାରିଖ ପର୍ଯ୍ୟନ୍ତ ଜିଲା ମହୋତ୍ସବ କଲ୍ଲୋଳ ଅନୁଷ୍ଠିତ ହେବ। ଏହି ଅବସରର ସ୍ମରଣିକା ଆଦିପତ୍ର ପ୍ରକାଶ ପାଇବ। ତେବେ ଚଳିତବର୍ଷ ଆଦିପତ୍ରର ରୂପରେଖ କିପରି ରହିବ ତା'ଉପରେ ସ୍ମରଣିକା ସବ୍‌କମିଟି ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଶୁକ୍ରବାର ଅତିରିକ୍ତ ଜିଲାପାଳ (ସାଧାରଣ)ଙ୍କ ପ୍ରକୋଷ୍ଠରେ ଅନୁଷ୍ଠିତ ବୈଠକରେ ଅତିରିକ୍ତ ଜିଲାପାଳ ଜ୍ୟୋତିଶଙ୍କର ରାୟ ପୌରୋହିତ୍ୟ କରି ସ୍ମରଣିକାର ସଫଳ ରୂପାୟନ ନେଇ ପ୍ରତ୍ୟେକଙ୍କ ସହଯୋଗ କାମନା କରିଥିଲେ। ବୈଠକରେ ଲେଖିକା, ଲେଖକଙ୍କଠାରୁ ଜଗତ୍‌ସିଂହପୁର ଜିଲାର ଭୂଗୋଳ, ଐତିହ୍ୟ, କଳା, ସାହିତ୍ୟ, ସଂସ୍କୃତି, ପରିବେଶ, ବ୍ୟକ୍ତିତ୍ୱ ଓ ଧର୍ମଧାରା ଉପରେ ଆଧାରିତ ଲେଖାଗୁଡ଼ିକ ଗ୍ରହଣ କରାଯିବା ଉପରେ ଆଲୋଚନା ହୋଇଥିଲା। ବିଶେଷକରି ଜିଲା ପାଇଁ କଣ ସବୁ ସମ୍ଭାବନା ରହିଛି ସେ ସମ୍ପର୍କିତ ଲେଖା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଏସବୁ ଲେଖା ଆସନ୍ତା ୧୬ ତାରିଖ ସୁଦ୍ଧା ଜିଲା ସଂସ୍କୃତି ଅଧିକାରୀଙ୍କୁ ଡି.ଟି.ପି. ଜରିଆରେ ଦେବାକୁ ଅନୁରୋଧ କରାଯାଇଛି। କୌଣସି ବ୍ୟକ୍ତି ଇ-ମେଲ୍ ଯୋଗେ ପ୍ରେରଣ କରିବାକୁ ଚାହିଁଲେ ମଧ୍ୟ ପଠାଇପାରିବେ ବୋଲି ନିଷ୍ପତ୍ତି ହୋଇଛି। ସେହିପରି ସ୍ମରଣିକା ନିମନ୍ତେ ବାର୍ତ୍ତା, ବିଜ୍ଞାପନ ସଂଗ୍ରହ, ସ୍ଥାନିତ ହେବାକୁ ଥିବା ଚିତ୍ର ଓ ମୁଦ୍ରଣ ଆଦି ପ୍ରସଙ୍ଗରେ ଆଲୋଚନା କରାଯାଇଥିଲା।

ପ୍ରାରମ୍ଭରେ ଜିଲା ସଂସ୍କୃତି ବିଭାଗ ପକ୍ଷରୁ ପୂର୍ବ ବୈଠକର ବିବରଣୀ ପାଠ ପରେ ସ୍ମରଣିକା ସମ୍ପାଦକ ମହେନ୍ଦ୍ର କୁମାର ଆଚାର୍ଯ୍ୟ ସମ୍ପାଦକୀୟ ସୂଚନା ପ୍ରଦାନ କରିଥିଲେ। ଏହି ଅବସରରେ ସମ୍ପାଦନା ମଣ୍ଡଳୀର ସଭ୍ୟ ଚୟନ କରାଯାଇଥିଲା। ବୈଠକରେ କମିଟିର ସଦସ୍ୟ ଡ. ଜ୍ୟୋତିର୍ମୟୀ ମହାନ୍ତି, ସୌଭାଗିନୀ ରାୟ, ପରିକ୍ଷିତ ପାଢ଼ୀ, ପ୍ରଶାନ୍ତ କୁମାର ବେହେରା, ଆଶୁତୋଷ ପଶାୟତ, ଉତ୍କଳ ରଞ୍ଜନ ମହାନ୍ତି, ଅମର ଜ୍ୟୋତି ସାହୁଙ୍କ ସମେତ ଜିଲା ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ଜିଲା ସଂସ୍କୃତି ବିଭାଗର କର୍ମଚାରୀମାନେ ଉପସ୍ଥିତ ରହି ନିଜ ନିଜର ମତ ଉପସ୍ଥାପନ କରିଥିଲେ।

### ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ଦ୍ୱାରା କୁଦାନଗରୀ ଥାନା ନୂତନ ଗୃହର ଉଦ୍‌ଘାଟନ

**ପାଟକୁରା, ୬।୩(ରବୀନ୍ଦ୍ର ନାଥ ବାରିକ)**

ଆଭାସୀ ମାଧ୍ୟମରେ ଶୁକ୍ରବାର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା କୁଦାନଗରୀ ଥାନାର ନୂତନ କାର୍ଯ୍ୟାଳୟକୁ ଉଦ୍‌ଘାଟନ କରିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ସମେତ ରାଜ୍ୟମନ୍ତ୍ରୀ ମଣ୍ଡଳର ଅନେକ ମନ୍ତ୍ରୀ ଓ ଉଚ୍ଚ ପଦାଧିକାରୀ ଉପସ୍ଥିତ ଥିଲେ। ଓଡ଼ିଶା ଗସ୍ତରେ ଆସିଥିବା ସ୍ୱରାଷ୍ଟ୍ର ମନ୍ତ୍ରୀ ଭୁବନେଶ୍ୱରଠାରେ ଆୟୋଜିତ ଏକ ଆଭାସୀ ଉଦ୍‌ଘାଟନୀ ଉତ୍ସବରେ କୁଦାନଗରୀ ଠାରେ ନୂତନ ଭାବେ ନିର୍ମାଣ କରାଯାଇଥିବା ଥାନା ଗୃହ ଉଦ୍‌ଘାଟନ କରିଥିଲେ। ଏହି ଉପଲକ୍ଷେ କୁଦାନଗରୀ ଥାନା ପରିସରରେ କେନ୍ଦ୍ରମନ୍ତ୍ରୀଙ୍କ ଆଭାସୀ ଉଦ୍‌ଘାଟନୀ କାର୍ଯ୍ୟକ୍ରମ ଦେଖିବା ପାଇଁ ଆୟୋଜନ କରାଯାଇଥିଲା । ଏଥିରେ କେନ୍ଦ୍ରାପଡା ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁଧାକର ସାହୁ, କୁଦାନଗରୀ ଥାନା ଭାରପ୍ରାପ୍ତ ଅଧିକାରୀ ଜଗନାଥ ପାଣିଗ୍ରାହୀ, ଭାଜପା ରାଜ୍ୟ ପ୍ରବକ୍ତା ତେଜେଶ୍ୱର ପରିଡା,ଜିଲା ପରିଷଦ ସଭ୍ୟା ଡଲି ଶତପଥୀ, ଭାଜପା ଜିଲା ଉପସଭାପତି ବିଜୟ ନାୟକ, ମଣ୍ଡଳ ସଭାପତି ଚିତ୍ତରଞ୍ଜନ ଚୌଧୁରୀ,ବିଭିନ୍ନ ପଞ୍ଚାୟତ ସରପଞ୍ଚ, ସମିତି ସଭ୍ୟ ଓ ଅଞ୍ଚଳର ମାନ୍ୟ ଗଣ୍ୟ ବ୍ୟକ୍ତିବିଶେଷ ଉପସ୍ଥିତ ରହି ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ଆଭାସୀ ମାଧ୍ୟମରେ କୁଦାନଗରୀ ଥାନା ଉଦ୍‌ଘାଟନ କାର୍ଯ୍ୟକ୍ରମକୁ ଦେଖିଥିଲେ ।

### ସେନା ନିବୃତ୍ତ କ୍ୟାପ୍‌ଟେନଙ୍କୁ ଭବ୍ୟ ସ୍ୱାଗତ


ଯବାନଙ୍କୁ ସ୍ୱାଗତ କରାଯାଉଛି।

**ରାଜକନିକା,୬।୩(ସଞ୍ଜୟ କୁମାର ଦାଶ)**

୧୯୯୬ ଫେବୃୟାରୀ ୨୮ରେ ଭାରତୀୟ ସ୍ଥଳସେନା(ଆର୍ମି)ରେ ସିପାହୀ ଭାବେ ଯୋଗଦେଇ ୨୦୨୬ ଫେବୃୟାରୀ ୨୮ ଦୀର୍ଘ ୩୦ବର୍ଷ ଦେଶମାତୃକାର ସେବାରେ ନିଜକୁ ଉତ୍ସର୍ଗ କରି କ୍ୟାପଟେନ ଭାବେ ଅବସର ଗ୍ରହଣ କରିଥିବା ବିଜୟ କୁମାର ରାଉତ ମଙ୍ଗଳବାର ନିଜ ଜନ୍ମମାଟିକୁ ଫେରିଛନ୍ତି । ବୀର ପ୍ରସବିନୀ ଓଡ଼ିଶା ମାଟିର ଲଡୁଆ ପୁଅ କେନ୍ଦ୍ରାପଡା ଜିଲା ରାଜକନିକା ବ୍ଲକ ଭାରିଗଦା ପଞ୍ଚାୟତ ମନେଇଡିହ ଗାଁର ସ୍ୱର୍ଗତଃ ଚରଣ କୁମାର ରାଉତଙ୍କ ପୁଅ ବିଜୟଙ୍କୁ ଗାଁ ମୁଣ୍ଡ ଅନ୍ଧାର ଘରଣୀ ପୀଠ ନିକଟରେ ଭବ୍ୟ ସ୍ୱାଗତ ସହ ବାଜା ବାଣ ରୋଷଣୀ ଏବଂ ଦେଶାତ୍ମବୋଧକ ନାରାଦେଇ ପରିବାର ସଦସ୍ୟଙ୍କ ସମେତ ଗ୍ରାମବାସୀ ଓ ବନ୍ଧୁ ପରିଜନ ପାଛୋଟି ନେଇଥିଲେ। ସେ ବିଭିନ୍ନ ଅପରେସନରେ ସାମିଲ ଥିବା ଏବଂ ନିକଟରେ ଭାରତ ପକ୍ଷରୁ କରାଯାଇଥିବା 'ସିନ୍ଦୁର' ଅପରେଶନରେ ସାମିଲ ଥିବା କହିଥିଲେ । ଏହି ସ୍ୱାଗତ କାର୍ଯ୍ୟକ୍ରମରେ ଶରତ ରାଉତ, ପ୍ରଫୁଲ୍ଲ ରାଉତ, ନିରାକାର ରାଉତ, ବିଦ୍ୟାଧର ବେହେରା, କୈଳାସ ସେଠୀ, ଅରଜିତ୍ ରାଉତ, ବୈଶାଖୀ ରାଉତ, ପ୍ରଦୀପ ବିନୋଦ ଓ ସଞ୍ଜୟ ରାଉତ ପ୍ରମୁଖ ଉପସ୍ଥିତ ଥିଲେ ।

# ମନୁଷ୍ୟ ଜୀବନରେ ଅର୍ଥ ସର୍ବସ୍ୱ ନୁହେଁ

**ରଘୁନାଥପୁର, ୬।୩ (ରାଜେନ୍ଦ୍ର ନାରାୟଣ ସିଂହ)**


ଆନନ୍ଦପୁରରେ ଅନୁକୂଳ ଚନ୍ଦ୍ରଙ୍କ ସତ୍‌ସଙ୍ଗ ଉତ୍ସବ ପାଳନ କରାଯାଉଛି।

ରଘୁନାଥପୁର ବ୍ଲକ ପୁରୁଣାବସନ୍ତ ପଞ୍ଚାୟତ ଆନନ୍ଦପୁର ଗ୍ରାମରେ ଶ୍ରୀଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ସତ୍‌ସଙ୍ଗ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରଘୁନାଥପୁର ସତ୍‌ସଙ୍ଗ କେନ୍ଦ୍ରର ତତ୍ତ୍ୱାବଧାରକ ବିଜୟ କୁମାର ସ୍ୱାଇଁ ଯୋଗଦେଇ ମନୁଷ୍ୟ ଜୀବନରେ ଅର୍ଥ ସର୍ବସ୍ୱ ନୁହେଁ ବୋଲି ପ୍ରକାଶ କରିଥିଲେ। ପରିବାରରେ ପରସ୍ପରକୁ ଭଲ ପାଇବା ଓ ମା'ବାପାଙ୍କ ଆଦେଶକୁ ସନ୍ତାନମାନେ ମାନିବା ପାଇଁ ପରାମର୍ଶ ଦେଇଥିଲେ। ସେହିପରି ସତ୍‌ସଙ୍ଗର ସହପ୍ରତି ଋିତିକ ଘନଶ୍ୟାମ ସାଇଁ ପୌରୋହିତ୍ୟ କରି ପ୍ରତ୍ୟେକ ମନୁଷ୍ୟ ସଦ୍‌ଗୁରୁଙ୍କ ଶରଣାପନ୍ନ ହୋଇ ସତନାମ ମନନ କରି ସତସଙ୍ଗର ଶରଣାପନ୍ନ ହେଲେ ଜୀବନରେ ଚରିତାର୍ଥ ଲାଭ କରିପାରିବେ ବୋଲି ପରାମର୍ଶ ଦେଇଥିଲେ। ଏହି ସତ୍‌ସଙ୍ଗରେ ବିମଳ ଶାସ୍ମଲ, ବିପିନ ରାଉତରାୟ, ଶ୍ରୀପତି ଦାଶ, ନିମାଇଁ ରାଉତରାୟ, ବ୍ରହ୍ମାନନ୍ଦ ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଭଜନ, କୀର୍ତ୍ତନ ପରିବେଷଣ କରାଯାଇଥିଲା। ସତ୍‌ସଙ୍ଗକୁ ସରପଞ୍ଚ କାଳନ୍ଦୀ ମହାନ୍ତି ଓ ହେଲେନା ମହାନ୍ତି ପରିଚାଳନା କରିଥିଲେ।

### ୧୯୮୧ ବ୍ୟାଚ୍ ବନ୍ଧୁମିଳନ



**ରାହାମା, ୬।୩(ଶ୍ରୀକାନ୍ତ ଦାସ)**

କୁଜଙ୍ଗ ବ୍ଲକ ରାହାମାସ୍ଥିତ ସାଇଲୋ ଗ୍ରାମପଞ୍ଚାୟତ ହାଇସ୍କୁଲର ୧୯୮୧ ମସିହା ବ୍ୟାଚ୍‌ର ଛାତ୍ରୀଛାତ୍ରଙ୍କୁ ନେଇ ନୃସିଂହମଠ ପରିସରରେ ଏକ ବନ୍ଧୁମିଳନ ଅନୁଷ୍ଠିତ ହୋଇଯାଇଛି। ପ୍ରାକ୍ତନ ଛାତ୍ର ଅଧିକାରୀ ରମାକାନ୍ତ ଦାସଙ୍କ ଆବାହକତ୍ୱରେ ଏହି ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ସଭା ପ୍ରାରମ୍ଭରେ ସମସ୍ତ ପ୍ରାକ୍ତନ ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ ପ୍ରଭୁ ନୃସିଂହନାଥଙ୍କ ନିକଟରେ ପୂଜାର୍ଚ୍ଚନା କରାଯାଇଥିଲା। ପରେ ଅକାଳ ମୃତ୍ୟୁ ଘଟିଥିବା ପୂର୍ବତନ ଛାତ୍ରୀଛାତ୍ରଙ୍କ ପାଇଁ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ପରେ ଛାତ୍ର ଜୀବନର ଅଭୁଲାସ୍ମୃତି ମନେ ପକାଇଥିଲେ। ଏଥିରେ ଜିତେନ୍ଦ୍ର ମହାପାତ୍ର, ଗୌରାଙ୍ଗ ଦାସ, ପ୍ରତାପ ମହାନ୍ତି, ସେବତୀ ସାହୁ, କିରନବାଳା ଦାସ ପ୍ରମୁଖ ଯୋଗଦେଇ ବନ୍ଧୁମିଳନ କାର୍ଯ୍ୟକର୍ମରେ ବନ୍ଧୁତ୍ୱର ସମ୍ପର୍କକୁ ଦୁଇଗୁଣିତ କରିଥିଲେ। ଶେଷରେ ବନ୍ଧୁମିଳନ କାର୍ଯ୍ୟକ୍ରମର ମୁଖ୍ୟ ଆୟୋଜକ ନୃସିଂହ ଚରଣ ସେନାପତି ସମସ୍ତ ପ୍ରାକ୍ତନ ଛାତ୍ରୀଛାତ୍ରଙ୍କୁ ଧନ୍ୟବାଦ ଦେଇଥିଲେ।

### ୧୫ରେ ବାଲିଘରର ବାର୍ଷିକୋତ୍ସବ

**ତିର୍ତ୍ତୋଲ, ୬।୩ (ଗୌରାଙ୍ଗ ଚରଣ ସ୍ୱାଇଁ)**

ବାଲେଶ୍ୱର ଜିଲାର ପୁରାତନ ସାହିତ୍ୟ ଓ ସାମାଜିକ ଅନୁଷ୍ଠାନ ବାଲିଘର ସାହିତ୍ୟ ସଂସ୍କୃତି ପ୍ରତିଷ୍ଠାନ ତଥା ବାଲିଘର ଫାଉଣ୍ଡେଶନର ୩୬ତମ ବାର୍ଷିକୋତ୍ସବ ଓ ସାରସ୍ୱତ ସମାରୋହ ମାର୍ଚ୍ଚ ୧୫ରେ ତିର୍ତ୍ତୋଲ ବ୍ଲକ ତେନ୍ତୁଳିପଦାସ୍ଥିତ ସାରଳା ଦାସଙ୍କ ସମାଧିପୀଠ ମୁନିଗୋସେଇଁ ମଠ ପରିସରରେ ଅନୁଷ୍ଠିତ ହେବ। ଅନୁଷ୍ଠାନର ସମ୍ପାଦକ କୈଳାସ ଚନ୍ଦ୍ର ସ୍ୱାଇଁ ଓ ସଭାପତି ଅଜୟ କୁମାର ବେହେରା ଗୁରୁବାର ଆୟୋଜିତ ବୈଠକରେ ଏହି ନିଷ୍ପତ୍ତି ନେଇଛନ୍ତି। ଏହି ଉତ୍ସବରେ ଓଡ଼ିଆ ଭାଷା ସାହିତ୍ୟରେ ସୁନାମ ଅର୍ଜନ କରିଥିବା ପ୍ରତିଭାବାନ୍ ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରାଯିବ। ଏହି ସମାରୋହରେ କବି, ଲେଖକ, ଖବରଦାତା ଓ ସାହିତ୍ୟ ଅନୁରାଗୀ, ବୁଦ୍ଧିଜୀବୀ ଯୋଗଦେବାକୁ ଅନୁଷ୍ଠାନ ପକ୍ଷରୁ ଅନୁରୋଧ କରାଯାଇଛି।

# ସପ୍ତାହେ ନ ପୂରୁଣୁ କଂକ୍ରିଟ୍ ଭାଙ୍ଗି ଦବିଲା ଇଟା

- ପେଭର ବ୍ଲକ କାର୍ଯ୍ୟ ନିମ୍ନମାନର
- ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ

**ରଘୁନାଥପୁର, ୬।୩ (ରାଜେନ୍ଦ୍ର ନାରାୟଣ ସିଂହ)**


ରାସ୍ତାର କଂକ୍ରିଟ୍ ଭାଙ୍ଗି ଇଟା ଦବିଯାଇଛି।

ପଥଚାରୀଙ୍କ ସୁବିଧା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଇ କଟକ-ପାରାଦୀପ ରାସ୍ତାର ଉଭୟ ପାର୍ଶ୍ୱରେ ପେଭର ବ୍ଲକ୍ ଇଟାପକା କାର୍ଯ୍ୟ ଜାରି ରହିଛି। କିନ୍ତୁ ସପ୍ତାହେ ନ ପୂରୁଣୁ ନିମ୍ନମାନର କାର୍ଯ୍ୟ ଯୋଗୁ ଅନେକ ସ୍ଥାନରେ କଂକ୍ରିଟ୍ ଭାଙ୍ଗି ଇଟା ଭୁଶୁଡି ଗଲାଣି। ଫଳରେ ଆଗାମୀ ଦିନରେ ଏହାର ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏପରି ବ୍ୟତିକ୍ରମ ଦେଖିବାକୁ ମିଳିଛି ପୂର୍ତ୍ତ ବିଭାଗ ଅଧୀନସ୍ଥ ଫକୀରପଡା ଏସ୍‌ଡିଓ ତଥା ଜଇପୁର ସେକ୍ସନ ଅଫିସ ଅଧୀନରେ ଥିବା ତାରପୁର ବାଇପାସ ରାସ୍ତାରେ। ଠିକାଦାର ସ୍ୱଳ୍ପ ବାଲିରେ ଆବଶ୍ୟକତାଠାରୁ କମ୍ ମେଟାଲ ଓ ଡଷ୍ଟ ଦେଇ ପେଭର ଇଟା ଖଞ୍ଜି ଦେଉଥିବା ଅଭିଯୋଗ ହେଉଛି। ଉପଯୁକ୍ତ ପରିମାଣରେ ପାଣି ମଧ୍ୟ ଦିଆଯାଉନାହିଁ। ଏହାଛଡା ଶେଷମୁଣ୍ଡରେ ମଜ୍‌ଭୁତ କଂକ୍ରିଟ୍ କରୁ ନ ଥିବାରୁ ଏଗୁଡ଼ିକ ଭାଙ୍ଗିରୁଜି ଗଳି ପଡୁଥିବା ଦେଖାଯାଇଛି। ଏହି ରାସ୍ତାରେ ଦୈନିକ ବହୁସଂଖ୍ୟାରେ ଗାଡିମୋଟର ଚଳାଚଳ କରୁଥିବାରୁ ଫୁଟ୍‌ପାଥ୍‌ର ଯଥେଷ୍ଟ ଆବଶ୍ୟକତା ରହିଛି। ସରକାର ଲୋକଙ୍କ ସୁବିଧା ପାଇଁ କୋଟି କୋଟି ଟଙ୍କା ବ୍ୟୟ କରୁଥିବାବେଳେ ବିଭାଗୀୟ ଯନ୍ତ୍ରୀଙ୍କ ଅପାରଗତା ଯୋଗୁ ଏହାକୁ ମିଳିମିଶି ଚଳୁ କରିଦେବାକୁ ଉଦ୍ୟମ ହେଉଛି ବୋଲି ସାଧାରଣ ଲୋକେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଦାୟିତ୍ୱରେ ଥିବା ଯନ୍ତ୍ରୀ ବେଦବ୍ୟାସ ସ୍ୱାଇଁଙ୍କ ସହ ଯୋଗାଯୋଗ କରିବାରେ ସେ ନିଜେ ଯାଇ ବାସ୍ତବ ସ୍ଥିତି ଅନୁଧ୍ୟାନ କରିବେ ବୋଲି ପ୍ରକାଶ କରିଛନ୍ତି।

## ସଂକ୍ଷେପରେ

### ୨୮ରେ ଭଞ୍ଜନଗର ବାର୍ ଆସୋସିଏଶନ ନିର୍ବାଚନ ୭ରୁ ପ୍ରାର୍ଥିପତ୍ର ଦାଖଲ

ଭଞ୍ଜନଗର,୬।୩(ବାବୁଲା ପ୍ରଧାନ): ଭଞ୍ଜନଗର ବାର୍ ଆସୋସିଏଶନ ନିର୍ବାଚନ ମାର୍ଚ୍ଚ ୨୮ ତାରିଖରେ ହେବ। ଏଥିପାଇଁ ଆସନ୍ତା ୭ରୁ ୯ ତାରିଖ ପର୍ଯ୍ୟନ୍ତ ପ୍ରାର୍ଥିପତ୍ର ଦାଖଲ, ୧୧ରେ ଯାଞ୍ଚ ଓ ୧୨ ତାରିଖରେ ଯୋଗ୍ୟ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ। ୧୩ ତାରିଖ ପ୍ରାର୍ଥିପତ୍ର ପ୍ରତ୍ୟାହାର ଦିବସ ଅଛି। ୧୪ରେ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ। ଚଳିତ ବର୍ଷ ବାର ଆସୋସିଏଶନ ନିର୍ବାଚନ ରେ ମହିଳା ଆଇନଜୀବୀଙ୍କ ମାନଙ୍କ ପାଇଁ ୩୦ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା ରଖାଯାଇଛି। ଯୁଗ୍ମ ସଂପାଦକ ଏବଂ କାର୍ଯ୍ୟକାରି କମିଟିର ଦୁଇଜଣ ସଭ୍ୟାଙ୍କ ପାଇଁ ସଂରକ୍ଷଣ ବ୍ୟବସ୍ଥା ହୋଇଛି। ୨୮ ତାରିଖ ସକାଳ ୭ଟା ୩୦ରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ମତଦାନ ହେବ। ସେହିଦିନ ୪ଟା ପରେ ଗଣତି ହୋଇ ଫଳାଫଳ ଘୋଷଣା ହେବ। ଆଇନଜୀବୀ ଲଡୁ କିଶୋର ଆଳତିଆ, ତ୍ରିନାଥ ମଲ୍ଲିକ, ଅଭାଗିନୀ ବିଷୋୟୀ ନିର୍ବାଚନ ଅଧିକାରୀ ଭାବେ ଦାୟିତ୍ୱରେ ଅଛନ୍ତି।

### ମହୁମାଛି ଆତଙ୍କ, ଭୟରେ ଛାତ୍ରୀଛାତ୍ର

ଦାରିଙ୍ଗବାଡ଼ି,୬।୩ (ଅରୁଣ ସାହୁ)

ଦାରିଙ୍ଗବାଡ଼ି ବ୍ଲକ୍‌ର ତିଲୋରୀ ପଞ୍ଚାୟତ ଡେମିଙ୍ଗିଆ ଗ୍ରାମର ଏକାଧିକ ଗଛରେ ମହୁମାଛି ବସା କରିଥିବାରୁ ଆତଙ୍କ ଦେଖାଯାଇଛି। ଗୋଟିଏ କି ୨ଟି ନୁହେଁ ଶହ ଶହ ବସା ବାନ୍ଧିଥିବା ଓ ଗାଁ ସାରା ମହୁମାଛି ବୁଲି ଖାଦ୍ୟ ସଂଗ୍ରହ କରୁଥିବା ବେଳେ ଲୋକଙ୍କୁ ଆକ୍ରମଣ କରୁଛନ୍ତି। ସେହି ରାସ୍ତା ଦେଇ ବିଦ୍ୟାଳୟକୁ ଛାତ୍ରୀଛାତ୍ର ଯାଉଥିବା ବେଳେ ଆକ୍ରମଣର ଶିକାର ହେଉଛନ୍ତି। ସେହିପରି ଉକ୍ତ ରାସ୍ତା ଦେଇ କୋଟଗଡ଼ ବ୍ଲକ ପକାରୀ, ରାଣିପାଙ୍ଗା ଆଦି ଅଞ୍ଚଳକୁ ଲୋକଙ୍କ ଯାତାୟାତ ରହୁଥିବା ବେଳେ ଗାଡ଼ି ଶବ୍ଦରେ ମହୁମାଛି ଆହୁରି ଉଗ୍ର ହେଉଥିବା ଗ୍ରାମବାସୀ କହିଛନ୍ତି। କିଛି ଦିନ ହେଲା ଏହି ମହୁମାଛି ଦଳଦଳ ହୋଇ ଲୋକଙ୍କୁ ଆକ୍ରମଣ କରୁଛନ୍ତି। ଏଥିପ୍ରତି ବନ ବିଭାଗ ପଦକ୍ଷେପ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି।

### ଦୋଳଯାତ୍ରାରେ ଅଧିକ ପାନୁ ଆଦାୟ ଅଭିଯୋଗ

ଗଞ୍ଜାମ,୬।୩(ବିଦ୍ୟାଧର ସାହୁ)

ଗଞ୍ଜାମ ସହରରେ ୫ଦିନ ଧରି ଅନୁଷ୍ଠିତ ହୋଇଥିବା ପ୍ରସିଦ୍ଧ ଐତିହାସିକ ଦୋଳ ପୂର୍ଣ୍ଣମୀ ଯାତ୍ରା ସୁରୁଖୁରୁରେ ଶେଷ ହେଇଛି। ଗଞ୍ଜାମ ଥାନା ପୋଲିସ ଓ ଏନ୍‌ଏସି ପ୍ରଶାସନର ସହାୟତାରେ ଏହି ଦୋଳଯାତ୍ରା ଏକ ପ୍ରକାର ଶାନ୍ତି ଶୃଙ୍ଖଳାର ସହ ସମ୍ପର୍ଣ୍ଣ ହୋଇଥିଲା କିନ୍ତୁ ଯାତ୍ରାକୁ ଆସିଥିବା ବେଲୁନ୍ ଓ ଚଣା ବେପାରୀଙ୍କ ଠାରୁ ୧୦/୨୦ ଟଙ୍କା ପାନୁ ବଦଳରେ ୧୦୦ ଟଙ୍କା, ୫୦ ଟଙ୍କା ଜୋର ଜବରଦସ୍ତ ଆଦାୟ ହୋଇଥିବା ଅଭିଯୋଗ ହୋଇଛି। କିଛି ବେଲୁନ ଓ ଚଣା ବେପାରୀଙ୍କ କହିବାନୁସାରେ ଦୀର୍ଘ ୪୦ ବର୍ଷରୁ ଉର୍ଦ୍ଧ୍ୱ ଏହି ଯାତ୍ରାକୁ ଆମେ ପସରା ନେଇକି ଆସୁଥିଲୁ କୌଣସି ବର୍ଷ ଏମିତି ପାନୁ ଅଦାୟ କରାଯାଉ ନଥିଲା କିନ୍ତୁ ଚଳିତ ବର୍ଷ ୧୦୦ ଟଙ୍କା ଦିଅ ନ ହେଲେ ଦୋକାନ ଭାଙ୍ଗି ସ୍ଥାନ ଛାଡ଼ି ଚାଲିଯାଅ ବୋଲି ପାନୁ ଆଦାୟକାରୀ କହିଥିବା ଗଣମାଧ୍ୟମକୁ କହିଛନ୍ତି। ଏସମ୍ପର୍କରେ ଇଓ ଅପର୍ଣ୍ଣା ଡାଙ୍ଗୁଆ କହିଛନ୍ତି ପାନୁ କଲେକ୍ସନ ଠିକା ନେଇଥିବା ବ୍ୟକ୍ତିଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ତଦନ୍ତ ପରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ଋଷିକୁଲ୍ୟା ମୁହାଣରେ ଅଲିଭ ରିଡ୍‌ଲେଙ୍କ ଗଣ ଅଣ୍ଡାଦାନରେ ବିଳମ୍ବ

ଗଞ୍ଜାମ,୬।୩(ଅନାଥ ତରାଇ)

ଗଞ୍ଜାମ ଜିଲା ଋଷିକୁଲ୍ୟା ମୁହାଣରେ ବହୁ ପ୍ରତିକ୍ଷିତ ଅଲିଭ ରିଡଲେ କଇଁଛଙ୍କ ଗଣ ଅଣ୍ଡାଦାନ ପ୍ରକ୍ରିୟା ଚଳିତ ବର୍ଷ ସାମାନ୍ୟ ବିଳମ୍ବ ହେବାରେ ଲାଗିଛି। ବିଶେଷ କରି ଅସ୍ୱାଭାବିକ ଦକ୍ଷିଣା ପବନ ଓ ପ୍ରତିକୂଳ ପାଣିପାଗ ଯୋଗୁ ଏହି ବିରଳ ସାମୁଦ୍ରିକ ଅତିଥିମାନେ କୂଳକୁ ଆସିବା ପାଇଁ ସଠିକ୍ ସମୟକୁ ଅପେକ୍ଷା କରିଛନ୍ତି। ବନ ବିଭାଗର ସୂଚନାନୁଯାୟୀ, ଗଣ ଅଣ୍ଡାଦାନ ବା 'ଅରିବାଡ଼ା' ପାଇଁ ସମୁଦ୍ର କୂଳରେ ଥଣ୍ଡା ପାଣିପାଗ ଏବଂ ଅନୁକୂଳ ଦକ୍ଷିଣା ପବନର ଆବଶ୍ୟକତା ରହିଥାଏ, ଯାହା ବର୍ତ୍ତମାନ ପର୍ଯ୍ୟନ୍ତ ସ୍ଥିର ହୋଇନାହିଁ। ଯଦିଓ ଗଞ୍ଜାମ ଉପକୂଳର କିଛି କଇଁଛ ଅଣ୍ଡା ଦେବା ଆରମ୍ଭ କଲେଣି। କିନ୍ତୁ ସମୁଦ୍ର ମଧ୍ୟରେ ଲକ୍ଷ ଲକ୍ଷ କଇଁଛ ଗଣ ଅଣ୍ଡାଦାନ ପାଇଁ ପ୍ରସ୍ତୁତ ହୋଇ ରହିଛନ୍ତି। ସ୍ଥାନୀୟ ବାସିନ୍ଦା ଓ ପରିବେଶବିତଙ୍କ ମତରେ, ବର୍ତ୍ତମାନ ପୂର୍ଣ୍ଣିମା ଶେଷ ହୋଇଥିବାରୁ ଯେ କୌଣସି ମୁହୂର୍ତ୍ତରେ



ଋଷିକୁଲ୍ୟା ମୁହାଣ

ଏହି ବିରଳ କଇଁଛମାନେ ବେଳାଭୂମିକୁ ମାଡ଼ି ଆସିପାରନ୍ତି। ଗତ ବର୍ଷ ଗଞ୍ଜାମ ନିକଟସ୍ଥ ପୋଡ଼ମପେଟା ବେଳାଭୂମିରେ ପ୍ରାୟ ୯ ଲକ୍ଷରୁ ଅଧିକ କଇଁଛ ଅଣ୍ଡା ଦେଇ ରେକର୍ଡ କରିଥିଲେ। ଚଳିତ ବର୍ଷ ମଧ୍ୟ ସମାନ ଧରଣର ସମାଗମ ହେବ ବୋଲି ବୈଜ୍ଞାନିକ ଓ ବନ ଅଧିକାରୀମାନେ ଆଶା ପ୍ରକଟ କରିଛନ୍ତି। ଏହି ସାମୁଦ୍ରିକ ଅତିଥିଙ୍କ ସୁରକ୍ଷା ପାଇଁ ବନ ବିଭାଗ ଓ ଜିଲା ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ଆର୍ଯ୍ୟପଲୀ ବେଳାଭୂମି ଠାରୁ ପ୍ରୟାଗୀ ପର୍ଯ୍ୟନ୍ତ ପ୍ରାୟ ୨୦ କିଲୋମିଟର ପରିମିତ ସମୁଦ୍ର ମଧ୍ୟରେ ମାଛ ଧରା ଉପରେ କଟକଣା ଜାରି କରାଯାଇଛି। ଏହି ନିଷେଧାଦେଶ ଆସନ୍ତା ମେ'ମାସ ଶେଷ ପର୍ଯ୍ୟନ୍ତ ବଳବତ୍ତର ରହିବ। ମେରାଇନ

### ପାଣିପାଗ ସାଜିଛି ବାଧକ

ପୋଲିସ ଓ ବନ କର୍ମଚାରୀମାନେ ଦିନରାତି ଉପକୂଳ ଅଞ୍ଚଳରେ ପାଟ୍ରୋଲିଂ କରୁଛନ୍ତି। ଯେପରି କଇଁଛମାନଙ୍କର ଅଣ୍ଡାଦାନ ସମୟରେ କୌଣସି ବାଧା ସୃଷ୍ଟି ନ ହୁଏ। ସାମୁଦ୍ରିକ କଇଁଛ ସୁରକ୍ଷା ସମିତିର ସମ୍ପାଦକ ରବୀନ୍ଦ୍ର ନାଥ ସାହୁଙ୍କ କହିବାନୁଯାୟୀ ଗତ ବର୍ଷ ଫେବୃଆରୀ ୨ୟ ସପ୍ତାହର ଗଣ ଅଣ୍ଡାଦାନ ପ୍ରକ୍ରିୟା ଆରମ୍ଭ ହୋଇସାରିଥିଲା। ବର୍ତ୍ତମାନ ପ୍ରତିକୂଳ ପାଣିପାଗ ଏବଂ ଅସ୍ୱାଭାବିକ ଦକ୍ଷିଣା ପବନ ମୁଖ୍ୟ କାରଣ ହୋଇପାରେ। କଇଁଛମାନେ ସମୁଦ୍ର କୂଳକୁ ଆସିବା ପାଇଁ ଏକ ନିର୍ଦ୍ଦିଷ୍ଟ ତାପମାତ୍ରା ଓ ପବନର ଗତିକୁ ଅପେକ୍ଷା କରିଥାନ୍ତି, ଯାହା ବର୍ତ୍ତମାନ ସୁଦ୍ଧା ଅନୁକୂଳ ହୋଇନାହିଁ। ପରିବେଶବିତ୍ ମାନେ ଆଶା କରୁଛନ୍ତି ଯେ, ଆସନ୍ତା କିଛି ଦିନ ମଧ୍ୟରେ ପରିସ୍ଥିତି ସୁଧୁରିବ ଏବଂ ପୁଣି ଥରେ ଋଷିକୂଲ୍ୟା ବେଳାଭୂମିରେ ଅଲିଭ୍ ରିଡଲେଙ୍କ କଳରବ ଶୁଣିବାକୁ ମିଳିବ।

# ଜଗନ୍ନାଥ ମନ୍ଦିର ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ



ଉପସ୍ଥିତ ପଣ୍ଡିତ ଓ ଗଣ୍ୟମାନ୍ୟ ବ୍ୟକ୍ତି ବୃନ୍ଦ।

ଦିଗପହଣ୍ଡି,୬।୩(ଅଶେଷ ନାଥ ମିଶ୍ର):

ଗଞ୍ଜାମ ଜିଲା ଦିଗପହଣ୍ଡି–ଆସିକା ମୁଖ୍ୟରାସ୍ତାର ଚାଞ୍ଚଡ଼ାପଲ୍ଲୀ ଛକରେ ଶ୍ରୀଜଗନ୍ନାଥଙ୍କ ମନ୍ଦିର ନିର୍ମାଣ ନିମନ୍ତେ ଗୁରୁବାର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ସ୍ଥାନୀୟ ଗୁରୁକୃପା ସେବା ସମିତିର ଆବାହକ ପଣ୍ଡିତ ଭବାନୀ ଶଙ୍କର ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଶ୍ରୀଜଗନ୍ନାଥଙ୍କ ରାଷ୍ଟ୍ରୀୟ ସଂସ୍କୃତି ପ୍ରଚାରକ ବାବା ସତ୍ୟାନନ୍ଦ ଦାସ ମହାରାଜ ଯୋଗଦେଇ ମନ୍ଦିର ନିର୍ମାଣ ନିମନ୍ତେ ବାସ୍ତୁ ଶିଳା ସ୍ଥାପନ କରିଥିଲେ। କାର୍ଯ୍ୟକ୍ରମ ଅବ୍ୟବହିତ ପୂର୍ବରୁ ଚାଞ୍ଚଡ଼ାପଲ୍ଲୀ ଗ୍ରାମ ପୋଖରୀରେ ଗଙ୍ଗା ଆବାହନ କରାଯାଇ କଳସ ଶୋଭାଯାତ୍ରା ବାହାରି ପ୍ରସ୍ତାବିତ ମନ୍ଦିର ନିର୍ମାଣ ସ୍ଥଳରେ ପହଞ୍ଚିଥିଲା। ସେଠାରେ ନୀତି କାନ୍ତି ଅନୁଯାୟୀ ପୂଜାର୍ଚ୍ଚନା ଓ ହୋମ କରାଯାଇଥିଲା। କାର୍ଯ୍ୟକ୍ରମରେ ଦିଗପହଣ୍ଡି ଏନଏସିର ପୂର୍ବତନ ଅଧ୍ୟକ୍ଷ ଭି.ରବି ନାରାୟଣ ରାଜୁ, କାର୍ଯ୍ୟ ନିର୍ବାହୀ ଅଧିକାରୀ ଅବିନାଶ ମିଶ୍ର, ସରପଞ୍ଚ ଫନେନ୍ଦ୍ର ଚନ୍ଦ୍ର ଗୋସ୍ୱାମୀ ପ୍ରମୁଖ ବହୁ ଗଣ୍ୟମାନ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

# ଗଞ୍ଜାମ ଜିଲା ପରିଷଦ ବୈଠକରେ ହୋହଲ୍ଲା

ଛତ୍ରପୁର,୬।୩ (ଦିଲୀପ ସାମଲ)

ସ୍ଥାନୀୟ ଋଷିକୂଲ୍ୟା ସମ୍ମିଳନୀ କକ୍ଷରେ ଅଷ୍ଟମ ଜିଲା ପରିଷଦ ବୈଠକ ଶୁକ୍ରବାର ବସିଥିଲା। ତେବେ ହୋହଲା ସହିତ ପୂର୍ବସରକାର ଏବଂ ବର୍ତ୍ତମାନର ସରକାରଙ୍କୁ ନେଇ ଆରୋପ ଏବଂ ପ୍ରତ୍ୟାରୋପ ଯୋଗୁ କିଛି ସମୟ ବୈଠକ ବନ୍ଦ ରହିଥିଲା। ଗୋପାଳପୁର ନିର୍ବାଚନ ମଣ୍ଡଳୀର କନିଷ୍ଠି ତହସିଲ ନିକଟ ଏକ ଆରଡ଼ି ରାସ୍ତା ଏ ପର୍ଯ୍ୟନ୍ତ ଏମ୍‌ପି ଏବଂ ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀଙ୍କ ବିବାଦ ମଧ୍ୟରେ ଯୋଗୁ ସାଧାରଣ ଲୋକେ ବିଭିନ୍ନ ଅସୁବିଧା ଭୋଗୁଛନ୍ତି ବୋଲି ଅଭିଯୋଗ କରି ୫୪ ନଂ. ଜିଲା ପରିଷଦ ସଭ୍ୟ ଦୀପକ ସାମନ୍ତ ଏନେଇ ଆରଡ଼ି ବିଭାଗ ଅଧିକାରୀଙ୍କୁ ପ୍ରଶ୍ନ କରିଥିଲେ। ଏହାକୁ ନେଇ ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ କହିଥିଲେ ଏମ୍‌ପି ଓ ମନ୍ତ୍ରୀଙ୍କ ମଧ୍ୟରେ ବିବାଦ ନାହିଁ ପୂର୍ବ ସରକାର କରିଥିବା କାର୍ଯ୍ୟ ଯୋଗୁ ଏବେ ଆମେ ଅସୁବିଧାର ସମ୍ମୁଖୀନ ହେଉଛୁ ବୋଲି କହିଥିଲେ। ବିଧାୟକଙ୍କ ଏହି କଥାକୁ ନେଇ ବହୁ ସଂଖ୍ୟକ ବିଜେଡି ଜିଲା ପରିଷଦ ସଭ୍ୟାସଭ୍ୟମାନେ ପ୍ରତିବାଦ କରିଥିଲେ। ବର୍ତ୍ତମାନର ଭାଜପା ସରକାର କିଛି କରି ନ ପାରି କେବଳ ରଙ୍ଗ ବୋଳାରେ ସମୟ ସାରୁଛନ୍ତି ବୋଲି ବିଜେଡି ସଭ୍ୟାସଭ୍ୟମାନେ କହିବାରୁ ହୋହଲ୍ଲା ହୋଇଥିଲା। ଜିଲା ପରିଷଦ



ଉପାଧ୍ୟକ୍ଷା ଏସ. ରାଜେଶ୍ୱରୀ ଦୋରା ମଧ୍ୟ ଏହାର ପ୍ରତିବାଦ କରିଥିଲେ। ବ୍ରହ୍ମପୁର ବିଧାୟକଙ୍କ ପ୍ରତିନିଧି ଶିବ ଦାଶ ଜିଲା ପରିଷଦ ଉପାଧ୍ୟକ୍ଷାଙ୍କୁ ହୁଆର ୟୁ ବୋଲି ପଚାରିବାରୁ ଏହାକୁ ନେଇ କିଛି ସମୟ ଧରି ପାଟିତୁଣ୍ଡ ହୋଇଥିଲା। ବିଜେଡି ଜିଲା ପରିଷଦ ସଭ୍ୟାସଭ୍ୟମାନେ ବିରୋଧ କରି କ୍ଷମା ପ୍ରାର୍ଥନା ଦାବିରେ ବୈଠକର ତଳେ ବସି ପ୍ରତିବାଦ କରିଥିଲେ। ଗଞ୍ଜାମ ଜିଲାପାଳ ଭି. କୀର୍ତ୍ତି ଭାସନ ବ୍ରହ୍ମପୁର ବିଧାୟକଙ୍କ ପ୍ରତିନିଧିଙ୍କୁ ଗୃହରୁ ବାହାରକୁ ଯିବାକୁ କହିଥିଲେ। ଏଥିସହ ଜିଲାପାଳଙ୍କ ନିର୍ଦ୍ଦେଶରେ ତାଙ୍କ ପିଏସଓ ଆସି ତାଙ୍କୁ ମଧ୍ୟ ଚାଲିଯିବାକୁ କହିଥିଲେ। ପରେ ବିଧାୟକଙ୍କ ପ୍ରତିନିଧି ଗୃହ ବାହାରକୁ ଚାଲିଯାଇଥିଲେ। ସାନଖେମୁଣ୍ଡି ବିଧାୟକ ରମେଶ ଚନ୍ଦ୍ର ଜେନା, ସୋରଡ଼ା ବିଧାୟକ ନୀଳମଣି ବିଷୋୟୀ ଏବଂ ଜିଲାପାଳଙ୍କ ହସ୍ତକ୍ଷେପ ପରେ ପରିସ୍ଥିତି ସ୍ୱାଭାବିକ ହୋଇ ପୁଣି ବୈଠକ ଆରମ୍ଭ ହୋଇଥିଲା। ପରେ ଏଜେଣ୍ଡା ଅନୁସାରେ ବିଭିନ୍ନ ବିଭାଗ କାର୍ଯ୍ୟ ସମ୍ପର୍କରେ ଆଲୋଚନା ହୋଇଥିଲା। ଜିଲା ପରିଷଦ ଅଧ୍ୟକ୍ଷା ଅଞ୍ଜଳି ସ୍ୱାଇଁ ଅଧ୍ୟକ୍ଷତା କରିଥିଲେ। ଏଥିରେ ଗ୍ରାମୀଣ ଗୃହ, ପାନୀୟ ଜଳ, ଜିଲା ଜଳ ଓ ପରିମଳ ମିଶନ, ଗ୍ରାମ୍ୟ ଉନ୍ନୟନ, ରାସ୍ତା ଓ କୋଠାବାଡ଼ି, ସ୍ୱାସ୍ଥ୍ୟ ସେବା, ଯୋଗାଣ, ଶିକ୍ଷା, କୃଷି ବିଭାଗ ଉପରେ ବୈଠକରେ ଆଲୋଚନା ହୋଇଥିଲା। ଦିଗପହଣ୍ଡି ବିଧାୟକ ଡ. ସିଦ୍ଧାନ୍ତ ମହାପାତ୍ର, ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ,ସୋରଡ଼ା ବିଧାୟକ ନୀଳମଣି ବିଷୋୟୀ, ସାନଖେମୁଣ୍ଡି ବିଧାୟକ ରମେଶ ଚନ୍ଦ୍ର ଜେନା, ଗଞ୍ଜାମ ଜିଲା ପରିଷଦର ଉପାଧ୍ୟକ୍ଷା ଏସ. ରାଜେଶ୍ୱରୀ ଦୋରା, ଗଞ୍ଜାମ ଜିଲାପାଳ ଭି. କୀର୍ତ୍ତି ଭାସନ, ଗଞ୍ଜାମ ଜିଲା ପରିଷଦ ଇନଚାର୍ଜ ସିଡିଓ ବିଜୟ ବେହେରା, ବିଏମସି କମିସନର ପ୍ରଥମେଶ ଅରବିନ୍ଦ ରାଜସିକ୍ରେ, ବ୍ରହ୍ମପୁର ଉପଜିଲାପାଳ ଅବିନାଶ କୁମାର ପ୍ରମୁଖ ମଞ୍ଚାସୀନ ଥିଲେ।

### ଗାଡ଼ି ଧକ୍କାରେ ବାଇକ୍ ଆରୋହୀ ମୃତ

ଦାରିଙ୍ଗବାଡି, ୬।୩ (ଅରୁଣ ସାହୁ)

ଦାରିଙ୍ଗବାଡି ଥାନା ଶ୍ରୀନିକେତା ପଞ୍ଚାୟତ ସିର୍ଶାମାହାଠାରେ ଏକ ଅଜଣା ଗାଡି ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଦାରିଙ୍ଗବାଡି ବ୍ଲକ ତିଲୋରି ଶ୍ରୀରାମନଗର ସାହିର ଦୟା ନାୟକଙ୍କ ପୁଅ ନାନୁ ନାୟକ (୨୨) ବୋଲି ପୋଲିସ କହିଛି। ବିଳମ୍ବିତ ରାତ୍ରିରେ ନାନୁ ବାଇକ୍ ଯୋଗେ ଦାରିଙ୍ଗବାଡିରୁ ନିଜ ଗ୍ରାମ ଅଭିମୁଖେ ଫେରୁଥିଲେ। ବିପରିତ ଦିଗରୁ ଆସୁଥିବା କୌଣସି ଏକ ଅଜଣା ଗାଡି ତାଙ୍କୁ ଧକ୍କା ଦେଇ ଘଟଣା ସ୍ଥଳରୁ ଫେରାର ହୋଇଯାଇଥିଲା। ସ୍ଥାନୀୟ ଲୋକଙ୍କ ସହଯୋଗରେ ନାନୁଙ୍କୁ ଗୁରୁତର ଅବସ୍ଥାରେ ଦାରିଙ୍ଗବାଡି ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ତେବେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିବା ଡାକ୍ତର ଜାକେଶ ସାମନ୍ତରାୟ କହିଛନ୍ତି। ସୂଚନା ପାଇ ପୋଲିସ ପହଞ୍ଚି ତଦନ୍ତ କରିଥିବା ଜଣାପଡିଛି।

# ୨ ବାଇକ୍ ମୁହାଁମୁହିଁ ଧକ୍କା : ଜଣେ ମୃତ, ୨ ଗୁରୁତର

ଖଜୁରିପଡ଼ା,୬।୩ (ବିଦୁର ବେହେରା)

ଖଜୁରିପଡ଼ା ଥାନା ସନ୍ୟେପଦରଘାଇ ନିକଟସ୍ଥ ମୁସ୍କିଲ ରାସ୍ତା ଛକରେ ଶୁକ୍ରବାର ୨ ବାଇକ୍ ମୁହାଁମୁହିଁ ଧକ୍କା ହୋଇ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ୨ ଜଣ ଗୁରୁତର ହୋଇଛନ୍ତି। ମୃତକ ଜଣଙ୍କ ହେଲେ ଖଜୁରିପଡ଼ା ବନ୍ଧସାହିର କାମଦେବ ବେହେରା। ଅନ୍ୟ ଗୁରୁତରମାନେ ହେଲେ ଖଜୁରିପଡ଼ାରେ ବ୍ଲକ୍‌ରେ ପାନୀୟଜଳ ଯୋଗାଣ ବିଭାଗର କାର୍ଯ୍ୟରତ କନିଷ୍ଠଯନ୍ତ୍ରୀ ଚରଣ ବେହେରା ଓ ବନ୍ଧସାହିର ଫଗୁଆ ବେହେରା। ସୂଚନା ଅନୁସାରେ, ଖଜୁରିପଡ଼ାରେ ବ୍ଲକ୍‌ରେ ପାନୀୟଜଳ ଯୋଗାଣ ବିଭାଗର କାର୍ଯ୍ୟରତ କନିଷ୍ଠଯନ୍ତ୍ରୀ ଚରଣ ବେହେରା ଫୁଲବାଣୀ ଡିଭିଜନ କାର୍ଯ୍ୟାଳୟରେ କାର୍ଯ୍ୟସାରି ଖଜୁରିପଡ଼ା ବ୍ଲକ୍‌କୁ (ଓଡ଼ି ୧୨ ଏଫ୍ ୫୩୮୪) ବାଇକ୍ ଯୋଗେ ଫେରୁଥିବା ବେଳେ ବିପରିତ ଦିଗରୁ ଦ୍ରୁତ ଗତିରେ ଆସୁଥିବା (ଓଡ଼ି ୩୩ ଏ.ଜି ୩୨୬୧) ବାଇକ୍‌ରେ ବନ୍ଧସାହିର ଫଗୁଆ ବେହେରା ଏବଂ କାମଦେବ ବେହେରାଙ୍କ ସହିତ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ୩ ଜଣଙ୍କୁ ଗୁରୁତର ଅବସ୍ଥାରେ ଦମକଳ ବାହିନୀ ଘଟଣାସ୍ଥଳରୁ ଉଦ୍ଧାର କରି ଖଜୁରିପଡ଼ା ମେଡିକାଲରେ ଭର୍ତ୍ତି କରିଥିଲା। ଉଭୟଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ଥିବାରୁ ପ୍ରାଥମିକ ଚିକିତ୍ସା ପରେ ଫୁଲବାଣୀ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର କାମଦେବଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। ଅନ୍ୟପକ୍ଷେ ଘଟଣା ସ୍ଥଳରେ ପୋଲିସ ପହଞ୍ଚି ଘଟଣାର ତଦନ୍ତ ଚଳାଇଛି।

# ବ୍ଲକ୍ ବିଜେଡି ସଭାପତିଙ୍କୁ ସମ୍ବର୍ଦ୍ଧନା

ଆସିକା, ୬।୩ (ସୁରେନ୍ଦ୍ର ନାଥ ସାହୁ)

ଆସିକା ବ୍ଲକ୍ ନିମିନା ପଞ୍ଚାୟତର ସରପଞ୍ଚ ତଥା ବ୍ଲକ୍ ବିଜେଡି ସଭାପତି ବିଦ୍ୟାନ୍ତ କୁମାର ଚର୍ଚ୍ଚିଙ୍କୁ ଗୁରୁବାର କଳିଙ୍ଗାରୋଡସ୍ଥିତ ଦଳୀୟ କାର୍ଯ୍ୟାଳୟରେ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ପୂର୍ବତନ ଏମ୍.ପି. ପ୍ରମିଳା ବିଷୋୟୀ, ପୂର୍ବତନ ବିଧାୟିକା ମଞ୍ଜୁଳା ସ୍ୱାଇଁ, ଗଞ୍ଜାମ ଜିଲା ଯୁବ ବିଜେଡି ସଭାପତି ନଚିକେତା ସ୍ୱାଇଁ, ନଗର ବିଜେଡି ସଭାପତି ତାରିଣୀ ସେନାପତି, ସରପଞ୍ଚ ଭବାନୀ ଶଙ୍କର ମଲିକ, ଜିଲାପରିଷଦ ସଦସ୍ୟ ମନୋଜ ଦୋରା, ଅନିଲ୍ ନାୟକ, ପୌରାଞ୍ଚଳ ଉପାଧ୍ୟକ୍ଷା ଜୟନ୍ତୀ ବିଷୋୟୀ, ବରିଷ୍ଠ ବିଜେଡି ନେତା ଦିଲ୍ଲୀପ ପାଣିଗ୍ରାହୀ, ପ୍ରସନ୍ନ ତ୍ରିପାଠୀ, ଜିତେନ୍ଦ୍ର ମହାରଣା, ନଗମାନନ୍ଦ ରାଉତଙ୍କ ସମେତ ବହୁ ଦଳୀୟ କର୍ମୀ କାର୍ଯ୍ୟକ୍ରମରେ ସାମିଲ୍ ଥିଲେ। ପୂର୍ବରୁ ଏହି ବ୍ଲକ୍‌ର ସଭାପତି ଓ ପୂର୍ବତନ ବିଧାୟକଙ୍କ ପ୍ରତିନିଧି ଦାୟିତ୍ୱ ତୁଲାଇଥିବା ଚର୍ଚ୍ଚିଙ୍କ ଦ୍ୱାରା ଦଳୀୟ ସାଂଗଠନିକ ଅଭିବୃଦ୍ଧି ଅଧିକ ଗତିଶୀଳ ହେବ ବୋଲି ଆଶା ପ୍ରକାଟ କରାଯାଇଥିଲା।

# କୋର୍ଟ ସମ୍ମୁଖରେ ହତ୍ୟା ମାମଲା, ଅଭିଯୁକ୍ତ କୋର୍ଟ ଚାଲାଣ

ଭଞ୍ଜନଗର,୬।୩(ବାବୁଲା ପ୍ରଧାନ)

ଗଞ୍ଜାମ ଜିଲା ଭଞ୍ଜନଗର କୋର୍ଟ ସମ୍ମୁଖରେ ଗୁରୁବାର ଦିନ ଦ୍ୱିପହରରେ ବୁଢୁଲି ଗ୍ରାମର ଅଶୋକ ସ୍ୱାଇଁଙ୍କୁ ଗୋଡାଇଗୋଡାଇ ଟାଙ୍ଗିଆରେ ହାଣି ହତ୍ୟା କରାଯାଇଥିଲା। ଏହି ମାମଲାରେ ପୋଲିସ ଗିରଫ କରିଥିବା ଅଭିଯୁକ୍ତ ଦିଲୀପ ଜେନାଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାପରେ ତାଙ୍କୁ ଭଞ୍ଜନଗର ଜେଲ ହାଜତକୁ ପଠାଯାଇଛି।

ମାମଲାରୁ ପ୍ରକାଶ, ଅଶୋକ କିଛି ବର୍ଷ ତଳେ ଦିଲୀପଙ୍କ ସ୍ତ୍ରୀଠାରୁ କିଛି ଅଳଙ୍କାର ଓ ଟଙ୍କା ଧାର ନେଇଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ଉକ୍ତ ଟଙ୍କା ଓ ଅଳଙ୍କାର ଅଶୋକ ଫେରାଇ ନ ଥିଲେ।



ଗିରଫ ଅଭିଯୁକ୍ତ ଦିଲୀପ।

ଏହାକୁ ନେଇ ଦିଲୀପ ଓ ଅଶୋକଙ୍କ ମଧ୍ୟରେ ବିବାଦ ଦେଖା ଦେଇଥିଲା। ୨୦୨୪ ଅଗଷ୍ଟ ମାସରେ ଗଣ୍ଡଗୋଳ ହୋଇଥିଲା। ସେ ସମୟରେ ଦିଲୀପଙ୍କ ସ୍ତ୍ରୀ ଥାନାରେ ଅଶୋକଙ୍କ ବିରୋଧରେ ଅଭିଯୋଗ କରିଥିଲେ। ଏହାକୁ ଭିତ୍ତି କରି ସେ ସମୟରେ ଅଶୋକଙ୍କୁ ପୋଲିସ ନଂ.୭୭୦/୨୪ରେ ମାମଲା ରୁଜୁ କରି ଗିରଫ କରିଥିଲା। ୬ ମାସ ପରେ ଅଶୋକ ଜାମିନରେ ଆସିଥିଲେ। ଗତକାଲି ଉକ୍ତ ମାମଲାର ତାରିଖ ଥିଲା। ହାଜିରା ପକାଇବାକୁ ଅଶୋକ ଭଞ୍ଜନଗରସ୍ଥିତ ଜେଏମ୍‌ଏଫ୍‌ସି କୋର୍ଟକୁ ଆସିଥିଲେ। ହାଜିରା ପକାଇ ଫେରିବା ସମୟରେ ପୂର୍ବରୁ କୋର୍ଟ ସମ୍ମୁଖରେ ଜଗି ରହିଥିବା ଦିଲୀପ ଅଶୋକଙ୍କୁ ଗୋଡାଇ ଗୋଡାଇ ଟାଙ୍ଗିଆରେ ହାଣିଥିଲେ। ପରେ ଚିକିତ୍ସାଧୀନ ଅବସ୍ଥାରେ ଅଶୋକଙ୍କ ମୃତ୍ୟୁ ଘଟିଥିଲା। ଲୋକେ ଅଭିଯୁକ୍ତ ଦିଲୀପଙ୍କୁ କାବୁ କରି ପୋଲିସ ଜିମା ଦେଇଥିଲେ।

### ପାଳଗଦା ଜଳିଗଲା



ଟିକିଟି, ୬।୩.(ପ୍ରକାଶ ଚନ୍ଦ୍ର ସାହୁ)

ଟିକିଟି ବ୍ଲକ ଅନ୍ତର୍ଗତ ନୂଆପଡା ଗ୍ରାମସ୍ଥିତ ବି. ନୂଆପଡାର ଚାଷୀ ରାମ ଗୌଡ଼ଙ୍କ ୫୦ ଭରଣର ପାଳଗଦା ଶୁକ୍ରବାର ପୋଡି ପାଉଁଶ ହୋଇଯାଇଛି। ସେ ଧାନ ଖଳାରେ ଏହି ପାଳଗଦା ରଖିଥିଲେ। ପାଳଗଦାରେ ନିଆଁ ଲାଗିଥିବା ଦେଖି ଆଖପାଖରେ ଥିବା ଲୋକେ ଘଟଣା ସ୍ଥଳରେ ପହଁଚି ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରିଥିଲେ। ଏନେଇ ଗ୍ରାମବାସୀ ଟିକିଟିଦମକଳ କେନ୍ଦ୍ରକୁ ଜଣାଇବା ପରେ ଦମକଳବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ସେତେବେଳକୁ ସମ୍ପୂର୍ଣ୍ଣ ପାଳଗଦା ଜଳିସାରିଥିଲା। ଅଗ୍ନିକାଣ୍ଡର କାରଣ ଜଣାପଡି ନ ଥିଲେ ସୁଦ୍ଧା କୌଣସି ଦୁର୍ବୃତ୍ତ ଏଭଳି ଘଟାଇଥିବା ସନ୍ଦେହ କରାଯାଉଛି।

# ଶିକ୍ଷକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ଆର, ଉଦୟଗିରି,୬.୩(ମନୋଜ କୁମାର ପାଢୀ)

ଗଜପତି ଜିଲା ଆର. ଉଦୟଗିରି ବ୍ଲକ ଅନ୍ତର୍ଗତ କେଏମ ଭାଲିଆସାହି ପିଏମଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟର ଶିକ୍ଷକ କେଦାର ନାଥ କରଙ୍କୁ ଶିକ୍ଷୟିତ୍ରୀ ଶିକ୍ଷକ ଓ ଦଶମ ଶ୍ରେଣୀର ଛାତ୍ରୀଛାତ୍ରମାନେ ଶୁକ୍ରବାର ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରିଛନ୍ତି। କର ଅନ୍ୟତ୍ର ଚାକିରି ପାଇଥିବାରୁ ସେ ଶିକ୍ଷକତା ଚାକିରି ଛାଡି ନୂତନକାର୍ଯ୍ୟରେ ଯୋଗ ଦେବାକୁ ଯିବେ। ଏନେଇ ଅନୁଷ୍ଠିତ ଉତ୍ସବରେ ପ୍ରଧାନ ଶିକ୍ଷକ ପ୍ରହ୍ଲାଦ ଶିଅଳ ଓ ଅନ୍ୟମାନେ ଉପସ୍ଥିତ ରହି ଶିକ୍ଷକ କରଙ୍କ ଆଗାମୀ ସୁଖପ୍ରଦ ଜୀବନ କାମନା କରିଥିଲେ। ବିଦାୟୀ ଅଭିଭାଷଣରେ କର ଦଶମ ଶ୍ରେଣୀର ଛାତ୍ରୀଛାତ୍ରଙ୍କୁ ସର୍ବଦା ଏହି ବିଦ୍ୟାଳୟର ନାଁ ରଖିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଦଶମ ଶ୍ରେଣୀର ଛାତ୍ରୀଛାତ୍ରଙ୍କୁ ମଧ୍ୟ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା।

# ଗଞ୍ଜାମ ପୋଲିସ ଜିଲାରେ ଖୋଲିଲା ସାଇବର ଥାନା

ଛତ୍ରପୁର,୬।୩ (ଦିଲୀପ ସାମଲ)

ଓଡିଶାରେ ସାଇବର ଅପରାଧକୁ ରୋକିବା ଏବଂ ଏହାର ତଦନ୍ତକୁ ଅଧିକ ଶକ୍ତିଶାଳୀ କରିବାକୁ ରାଜ୍ୟ ସରକାରଙ୍କ ପକ୍ଷରୁ ରାଜ୍ୟରେ ୨୪ଟିସାଇବର ଏବଂ ଅର୍ଥନୈତିକ ଅପରାଧ ଥାନା ଉଦ୍‌ଘାଟିତ ହୋଇଛି। ଏହି ଅବସରରେ ଓଡ଼ିଶା ଗସ୍ତରେ ଆସିଥିବା ଗୃହମନ୍ତ୍ରୀ ଅମିତ ଶାହ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉପସ୍ଥିତିରେ ଭିସି ଜରିଆରେ ଛତ୍ରପୁରରେ ଶୁକ୍ରବାର ଏକ ସାଇବର ଥାନା ଉଦ୍‌ଘାଟନ କରିଛନ୍ତି। ପୂର୍ବରୁ ବ୍ରହ୍ମପୁର ପୋଲିସ ଜିଲାରେ ଗୋଟିଏ ସାଇବର ଥାନା ଥିଲା। ଏବେ ଗଞ୍ଜାମ ପୋଲିସ ଜିଲା ଅଧୀନ ଛତ୍ରପୁରରେ ଏହି ଥାନା ଖୋଲାଯାଇଛି। ଏହି ଅବସରରେ ଛତ୍ରପୁରରେ ଆୟୋଜିତ କାର୍ଯ୍ୟକ୍ରମରେ ଦକ୍ଷିଣାଞ୍ଚଳ ଆଇଜି ନିତି ଶେଖର ଓ ଗଞ୍ଜାମ ଏସ୍‌ପି ଶୁଭେନ୍ଦୁ ପାତ୍ର ଉପସ୍ଥିତ ଥିଲେ। ଦକ୍ଷିଣାଞ୍ଚଳ ରେଞ୍ଜ ଅଧୀନରେ ୩ଟି ସାଇବର ଥାନା ଗଞ୍ଜାମ, ଗଜପତି ଓ ବୌଦ୍ଧ ଜିଲାରେ ମଧ୍ୟ ଆଜି



ଏହି ଥାନା ଖୋଲିଛି ବୋଲି ଆଇଜି ସୂଚନା ଦେଇଥିଲେ। ଦିନକୁ ଦିନ ସାଇବର ଅପରାଧ ବଢୁଥିବାର ଏହି ଥାନାରେ ସ୍ୱତନ୍ତ୍ର ଟିମ ରହିବେ। ଗଞ୍ଜାମ ସାଇବର ଥାନାରେ ଜଣେ ଡିଏସ୍‌ପିଙ୍କ ନେତୃତ୍ୱରେ ୭ ଜଣ ଆଇଆଇସି, ୨ଜଣ ଏସ୍‌ଆଇ, ଜଣେ ଏଏସ୍‌ଆଇ, ୩ ଜଣ କନଷ୍ଟେବଲ ରହିବେ। ସୂଚନାଯୋଗ୍ୟ, ସାଇବର ଲୁଟେରାମାନେ ପ୍ରଥମେ ଲୋଭ ଦେଖାଇ ଲୋକଙ୍କ ମନରେ ଆଶା ଓ ବିଶ୍ୱାସ ଜମାଇ ଓଟିପି କିମ୍ବା ପାସୱାର୍ଡ ମାଗି ଆକାଉଣ୍ଟ ହ୍ୟାକ କରି ଟଙ୍କା ହଡପ କରିନେଇଥାନ୍ତି। ଅନଲାଇନ ଠକେଇ, ନିବେଶ ଏବଂ ଟ୍ରେଡିଂ ଠକେଇ, ଡିଜିଟାଲ ଆରେଷ୍ଟ, ଲୋଭନୀୟ ଅଫର, ନକଲି ପରିଚୟ,ଏଟିଏମ ଠକେଇ କରି ସେମାନେ ଲୋକଙ୍କଠାରୁ ଟଙ୍କା ଠକେଇ କରି ନେଇଯାଇଥାନ୍ତି। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଏସ୍‌ପି ସୀମା ସ୍ୱାଇଁ, ଚିନ୍ମୟ ନାୟକ, ଡିଏସ୍‌ପି ଗିରିଜାନନ୍ଦନ ପଟ୍ଟନାୟକ, ଛତ୍ରପୁର ଏସ୍‌ଡିପିଓ ଚନ୍ଦନ ଘଡାଇ, ଆସିଷ୍ଟାଣ୍ଟ କାମାଣ୍ଡାଣ୍ଟ କାଳୁ ଚରଣ ବେହେରା, ଛତ୍ରପୁର ଥାନା ଅଧିକାରୀ ସବ୍ୟସାଚୀ ମଲ୍ଲ, ସାଇବର ଥାନାର ଜ୍ୟୋତି ରଞ୍ଜନ ବେହେରା ଉପସ୍ଥିତ ଥିଲେ।

### ଦିବ୍ୟଜୀବନ ସଂଘର ସାଧନା ଶିବିର

ଧରାକୋଟ,୬।୩(ବିଷ୍ଣୁ କେଶରୀ ଆଚାର୍ଯ୍ୟ):

ଧରାକୋଟ ମୁଣ୍ଡମରାଇ ଦିବ୍ୟ ଜୀବନ ସଂଘ ଶାଖାର ବାର୍ଷିକ ଉତ୍ସବ ଉପଲକ୍ଷେ ଏକ ଦିବସୀୟ ସାଧନା ଶିବିର ଅନୁଷ୍ଠିତ ହୋଇଛି। ଗଞ୍ଜାମ ଜିଲା ଦିବ୍ୟ ଜୀବନ ସଂଘ ବିଭିନ୍ନ ଶାଖାର ସଭାପତି ସମ୍ପାଦକ, ସଂଗଠକ, କର୍ମକର୍ତ୍ତା ଓ ସଭ୍ୟାସଭ୍ୟ ଉପସ୍ଥିତ ଥିଲେ। ଦକ୍ଷିଣ ଓଡ଼ିଶା ଦିବ୍ୟ ଜୀବନ ସଂଘର ସମନ୍ୱୟ ସମିତି ତଥା ଆସିକା ଦିବ୍ୟ ଜିଲାର ମୁଖ୍ୟ ସଂଗଠକ ଜୟଚନ୍ଦ୍ର ନାୟକ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ସ୍ୱାମୀ ଶିବାନନ୍ଦ ମହାରାଜଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ପରାମର୍ଶ ଦେଇଥିଲେ। ବ୍ରହ୍ମପୁର ଶାଖାର କୁଞ୍ଜ ବିହାରୀ ପାଢ଼ୀ, ଶିକ୍ଷାବିତ୍ ପ୍ରଦୀପ ନାୟକ ବିଭିନ୍ନ ପରାମର୍ଶ ଦେଇଥିଲେ। ପି. ତ୍ରିନାଥ ପାତ୍ର, ଗଣେଶ ଚନ୍ଦ୍ର ପାତ୍ର, ଭିକାରୀ ଚରଣ ପାତ୍ର, ଯୁ ନାଗେଶ୍ୱର ରାଓ ସହଯୋଗ କରିଥିଲେ।

# ମହେନ୍ଦ୍ରଗିରିରେ ବିଶୃଙ୍ଖଳା ସୃଷ୍ଟିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

ପାରଳାଖେମୁଣ୍ଡି,୬।୩ (ଗିରିଧାରୀ ପରିଚ୍ଛା)

ଗଜପତି ଜିଲା ରାୟଗଡ ବ୍ଲକ ଅଧୀନ ପୁରାଣ ପ୍ରସିଦ୍ଧ ମହେନ୍ଦ୍ରଗିରିରେ ଗତ ୨୮।୨।୨୬ରେ ଦେଖା ଦେଇଥିବା ବିବାଦର ସ୍ଥାୟୀ ସମାଧାନ କରିବା ସହ ଉନ୍ନୟନମୂଳକ କାର୍ଯ୍ୟରେ ବାଧା ସୃଷ୍ଟି କରି ଭଙ୍ଗାରୁଜା ଓ ଆକ୍ରମଣ କରୁଥିବା ବ୍ୟକ୍ତିଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଞ୍ଚଳର ଶତାଧିକ ଲୋକେ ଶୁକ୍ରବାର ମହେନ୍ଦ୍ରଗିରିଠାରେ ଏକାଠି ହୋଇଥିଲେ। ମହେନ୍ଦ୍ରଗିରି ଇକୋ ଡେଭେଲପମେଣ୍ଟ କମିଟି ଆନୁକୂଲ୍ୟରେ ହୋଇଥିବା ଏହି ବୈଠକରେ ଭାସ୍କର ତୀର୍ଥ, ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଜିଲା ସଂଘ ଚାଳକ ରାଧାକୃଷ୍ଣ ଜାନି, ବିଶ୍ୱହିନ୍ଦୁ ପରିଷଦ ସଭାପତି ଗୌରାଙ୍ଗ ଗମାଙ୍ଗ, ଇକୋ ଡେଭେଲପମେଣ୍ଟ କମିଟି ସଭାପତି ସନ୍ୟାସୀ ଭୂୟାଁ, କମିଟିର ସମ୍ପାଦକଭାସ୍କର ମଣ୍ଡଳ, କୋଷାଧ୍ୟକ୍ଷ, କମିଟି ଟ୍ରଷ୍ଟ ସଦସ୍ୟ ଅନ୍ତର୍ଯ୍ୟାମୀ ଗମାଙ୍ଗ, ଭଗବତ ପାଇକ, ସିଦ୍ଧେଶ୍ୱର ମିଶ୍ର, ଭାଜପା ନେତା ଗଣେଶ ମଣ୍ଡଳ ପ୍ରମୁଖ



ବୈଠକରେ ଉପସ୍ଥିତ ଗ୍ରାମବାସୀ ଆଲୋଚନା କରୁଛନ୍ତି।

### ଜିଲାପାଳ ଓ ଏସ୍‌ପିଙ୍କୁ ଦାବିପତ୍ର ଦେଲେ ଅଞ୍ଚଳବାସୀ

ଉପସ୍ଥିତ ଥିଲେ। ଉପସ୍ଥିତ ଅଞ୍ଚଳବାସୀ କହିଛନ୍ତି, ମହେନ୍ଦ୍ରଗିରି ଏକ ପବିତ୍ର ସ୍ଥାନ। ଏହାର ପବିତ୍ରତା ରକ୍ଷା କରିବା ଏବଂ ଏଠିକୁ ଆସୁଥିବା ଲୋକଙ୍କ ସୁବିଧା ପାଇଁ ହେଉଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ବାଧା ସୃଷ୍ଟି କରିବା ଅତ୍ୟନ୍ତ ନିନ୍ଦନୀୟ। ଏପରି କରୁଥିବା ଲୋକଙ୍କୁ ଉଚିତ ଜବାବ ମିଳିବ। ବୈଠକ ପରେ ସନ୍ଧ୍ୟାରେ ଉନ୍ନୟନ କମିଟି ସଦସ୍ୟ ଏବଂ ଅଞ୍ଚଳବାସୀ ଜିଲାପାଳ ଅକ୍ଷୟ ସୁନିଲ ଅଗ୍ରୱାଲ ଓ ଏସ୍‌ପି ଯତୀନ୍ଦ୍ର କୁମାର ପଣ୍ଡାଙ୍କୁ ଭେଟି ମହେନ୍ଦ୍ରଗିରିରେ ବାରଘର ଗାଁର କେତେ ଜଣ ଲୋକ ବାରମ୍ବାର ବିଶୃଙ୍ଖଳା ସୃଷ୍ଟି କରୁଛନ୍ତି। ଯାହା ଅସହ୍ୟ ହେଲାଣି। ବିଶୃଙ୍ଖଳାକରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି କରିଛନ୍ତି। ଯଦି ସ୍ଥିତିରେ ସୁଧାର ନ ଆସେ ତେବେ ସେମାନେ ଆଗାମୀ ଦିନରେ ଏହାର ଉଚିତ ଜବାବ ଦେବେ ବୋଲି ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି।

# ୫ ବର୍ଷ ପରେ ତୁଟିଲା ୨ ଗାଁ ସୀମା ବିବାଦ

## ତହସିଲ ପ୍ରଶାସନ, ପୋଲିସ ଉପସ୍ଥିତିରେ ମାପଚୁପ୍ କରାଯାଇ ଖୁଣ୍ଟ ପୋତାଗଲା

ରସୁଲପୁର,୬।୩(ରଞ୍ଜିତ ରାଉତ)

ରସୁଲପୁର ତହସିଲ ପହଁଗା ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଅଧୀନ ଶ୍ରୀବନ୍ତପୁର ପଞ୍ଚାୟତର ବାଲାଙ୍ଗୀ ଓ ବାଉଁଶଅଂଟା ଗ୍ରାମର ସୀମା ବିବାଦ ୫ ବର୍ଷ ପରେ ଗୁରୁବାର ସମାଧାନ ହୋଇଛି। ତହସିଲ ପ୍ରଶାସନ ଓ ପୋଲିସ ଉପସ୍ଥିତିରେ ଉଭୟ ଗାଁର ସୀମାକୁ ମାପଚୁପ୍ କରାଯାଇ ସୀମା ନିର୍ଦ୍ଧାରଣ କରାଯାଇ ବିବାଦ ତୁଟାଇ ଦିଆଯାଇଛି। ଏଥର ପ୍ରଶାସନିକ ନିଷ୍ପତ୍ତିକୁ ଉଲ୍ଲଂଘନ କରାଗଲେ ଖିଲାପକାରୀଙ୍କ ବିରୋଧରେ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ତହସିଲଦାର ସିର୍ଦ୍ଧାର୍ଥ କୁମାର ବେହେରା ଓ କୁଆଖିଆ ଥାନା ଅଧିକାରୀ ସୁଶାନ୍ତ କୁମାର ସେଠୀଙ୍କ ପକ୍ଷରୁ ଉଭୟ ପକ୍ଷଙ୍କୁ ଚେତାବନୀ ଦିଆଯାଇଛି। ଏ ଦିଗରେ ପ୍ରଶାସନ ପକ୍ଷରୁ ଡାକବାଜୀ ଯନ୍ତ୍ର ସହାୟତାରେ ପଞ୍ଚାୟତ ଅଞ୍ଚଳରେ ଜନସାଧାରଣଙ୍କୁ ଅବଗତ କରାଇ ଦିଆଯାଇଛି। ପ୍ରଶାସନର ନିଷ୍ପତ୍ତିକୁ ମାନି ନେଇ ଆଗକୁ ଉଭୟ ଗାଁ ଲୋକେ ଚଳିବେ ବୋଲି କହିଛନ୍ତି। ତେବେ ଆପୋସ ବୁଝାମଣା ଓ ପ୍ରଶାସନିକ ଅଧିକାରୀଙ୍କ ଆଇନଗତ ପଦକ୍ଷେପ ଯୋଗୁ ବିବାଦ ତୁଟିଥିବାରୁ ଏହାକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି।


ମାପଚୁପରେ ସାମିଲ ହୋଇଥିବା ପୋଲିସ ଓ ପ୍ରଶାସନିକ ଅଧିକାରୀ।

ମା' ହିଙ୍ଗୁଳା ଦେବୀଙ୍କ ପୀଠ ବାଲାଙ୍ଗୀ ଓ ବାଉଁଶଅଣ୍ଟା ଗ୍ରାମର ସୀମାରେ ଅବସ୍ଥିତ। ଉକ୍ତ ଗାଁ ଠାକୁରାଣୀଙ୍କ ପୂଜା, ବାର୍ଷିକୋତ୍ସବ ଆଦି ପାଳନ ସମୟରେ ଉଭୟ ଗାଁର ଲୋକେ ନିଜର ଆଧିପତ୍ୟ ଜାହିର କରିବା କାରଣରୁ ବିବାଦ ଦେଖାଦେଇ ଆସୁଥିଲା। ଠାକୁରାଣୀଙ୍କ ସ୍ଥାନରେ ସ୍ଥାୟୀ ସମ୍ପତ୍ତି ନିର୍ମାଣ ହେଉ ଅବା ପୂଜାର୍ଚ୍ଚନା ସକାଶେ ଦୁଇ ଗାଁର ଲୋକଙ୍କ ମଧ୍ୟରେ ତୁତୁ ମେଁ ମେଁ ଲାଗି ରହି ଆସୁଥିଲା। ଉକ୍ତ ବିବାଦକୁ ନେଇ କୋର୍ଟ ପର୍ଯ୍ୟନ୍ତ ମାମଲା ଯାଇଥିଲା। ଏପରି କି ସୀମା ବିବାଦ ତୁଟାଇବା ପାଇଁ ପୂର୍ବରୁ ତହସିଲ ପ୍ରଶାସନ ଓ ପୋଲିସ ପକ୍ଷରୁ ବହୁବାର ପଦକ୍ଷେପ ନିଆଯାଇଥିଲା। ଉଭୟ ଗାଁ ଲୋକଙ୍କୁ ନେଇ ସମସ୍ୟାର ଆପୋସ ସମାଧାନ ପାଇଁ ଭଦ୍ର ଲୋକଙ୍କ ଉପସ୍ଥିତିରେ ଆଲୋଚନା କରାଯାଇଥିଲା। ଏସବୁ ପ୍ରୟାସ ବାରମ୍ବାର ବିଫଳ ହୋଇ ଆସୁଥିଲା। ଫଳରେ ପୂଜା ପାଠ ସମୟରେ ବିବାଦ ଉପୁଜୁଥିବାରୁ ବିବାଦୀୟ ସ୍ଥଳରେ କଟକଣା ଜାରି କରାଯାଇ କେବଳ ମା'ଙ୍କ ପୂଜାର୍ଚ୍ଚନା ଉପରେ ଗୁରୁତ୍ୱ ଦିଆଯାଇ ପଦକ୍ଷେପ ନିଆଯାଉଥିଲା। ଭକ୍ତଙ୍କ ପ୍ରବେଶକୁ ବାରଣ କରାଯାଇଆସୁଥିଲା। ଏଭଳି ଭାବରେ ଦୀର୍ଘଦିନ ଧରି ସମସ୍ୟା ଲାଗି ରହିଥିବାରୁ ଗୁରୁବାର ଭାରତୀୟ ନ୍ୟାୟ ସଂହିତା ଧାରା ୧୬୩ ଆଧାରରେ ସୀମାର ମାପଚୁପ୍ ପାଇଁ ତହସିଲଦାର ବେହେରା ଓ ଥାନା ଅଧିକାରୀ ସେଠୀଙ୍କ ମଧ୍ୟରେ ଆଲୋଚନା କରାଯାଇ ଏକ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। ଉଭୟ ଅଧିକାରୀଙ୍କ ଉପସ୍ଥିତିରେ ରାଜସ୍ୱ ସୁପରଭାଇଜର ମନୋରଞ୍ଜନ ଦାଶ, ପହଁଗା ରାଜସ୍ୱ ନରୀକ୍ଷିକ ବନ୍ଦନା ସୋରେନ, ରସୁଲପୁର ସର୍କଲ ରାଜସ୍ୱ ନିରୀକ୍ଷକ ସୁନୀଲ ନାୟକ, ତହସିଲ ଅମିନ ତପନ ମହାନ୍ତି ଓ ଉଭୟ ଗ୍ରାମର ମୁରବୀ ଉପସ୍ଥିତ ରହି ଗାଁ ସୀମା ମାପଚୁପ୍ କରିଥିଲେ। ଉଭୟ ତହସିଲଦାର ଓ ଥାନା ଅଧିକାରୀ ମାପଚୁପ୍‌କୁ ଅନୁଧ୍ୟାନ କରିବା ସହ ଅମିନ ଓ ରାଜସ୍ୱ ନିରୀକ୍ଷକଙ୍କ ଦ୍ୱାରା କରାଯାଇଥିବା ମାପଚୁପ୍‌ର ନିର୍ଯ୍ୟାସ ସମ୍ପର୍କରେ ଅବଗତ ହୋଇଥିଲେ। ଏହାପରେ ଉପସ୍ଥିତ ଗ୍ରାମବାସୀଙ୍କୁ ଅବଗତ କରାଯାଇ ଚିହ୍ନଟ ହୋଇଥିବା ସୀମାରେ ଖୁଣ୍ଟ ପୋତିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଉକ୍ତ ନିଷ୍ପତ୍ତିକୁ ଗାଁ ଲୋକେ ମାନି ଚଳିବାକୁ ତହସିଲଦାର ବେହେରା ଅନୁରୋଧ କରିଥିଲେ।

# ବସ ରହଣି ପାଇଁ ଜବରଦଖଲ ଉଚ୍ଛେଦ ଆରମ୍ଭ

ପାଣିକୋଇଲି,୬।୩(ବିକାଶ ଚନ୍ଦ୍ର ମଲ୍ଲିକ)

ପାଣିକୋଇଲି ସରକାରୀ ଉଚ୍ଚ ବିଦ୍ୟାଳୟ ସମ୍ମୁଖରେ ବାଲେଶ୍ୱର, ଯାଜପୁରରୋଡ୍ ଓ ଯାଜପୁର ଟାଉନରୁ ଆସୁଥିବା ବସଗୁଡ଼ିକ ଅଟକି ରହିବାରୁ ଗୋଲେଇରେ ଗାଡ଼ିବୁଲିବା ସମସ୍ୟା ବଢ଼ିଚାଲିଛି। ଏହାକୁ ଦୃଷ୍ଟିରେ ରଖି ସୁରକ୍ଷିତ ବସରହଣି ପାଇଁ ବିଦ୍ୟୁତ୍ କାର୍ଯ୍ୟାଳୟ ପଛରେ ଥିବା ୧ ଏକରରୁ ଅଧିକ ସରକାରୀ ଜମିକୁ ରାଜସ୍ୱ ବିଭାଗ ପକ୍ଷରୁ ଜବରଦଖଲ ମୁକ୍ତ କରିବା କାର୍ଯ୍ୟ ଆରମ୍ଭ ହୋଇଛି। ଏହି ଜବରଦଖଲ ମୁକ୍ତପରେ ହାଇସ୍କୁଲ ସମ୍ମୁଖରେ ବସ ନ ରହି ସେଠାରେ ସୁରକ୍ଷିତଭାବେ ଯାତ୍ରୀଙ୍କୁ ଓହ୍ଲାଇବାର ବ୍ୟବସ୍ଥା କରାଯିବ ବୋଲି ସୂଚନା ମିଳିଛି। ଉଚ୍ଛେଦ ପ୍ରକ୍ରିୟାରେ ବ୍ୟାସନଗର ଅତିରିକ୍ତ ତହସିଲଦାର ପ୍ରଶାନ୍ତ ପୁହାଣ, ଥାନାଧିକାରୀ ରଞ୍ଜିତ ମହାନ୍ତି, ପାଣିକୋଇଲି ଓ ପଥରପଦା ରାଜସ୍ୱ ନିରୀକ୍ଷକ ସରୋଜ ମଲ୍ଲିକଙ୍କ ସମେତ ରାଜପଥ କର୍ତ୍ତୃପକ୍ଷ ଏବଂ ରାଜସ୍ୱ ବିଭାଗ କର୍ମଚାରୀ ଉପସ୍ଥିତ ଥିଲେ।

# ବାଲିଗାଡ଼ି ଚଳାଚଳକୁ ବିରୋଧକରି ରାସ୍ତା ଅବରୋଧ


ଗ୍ରାମବାସୀ ରାସ୍ତା ଅବରୋଧ କରିଛନ୍ତି।

ପାଣିକୋଇଲି,୬।୩(ବିକାଶ ଚନ୍ଦ୍ର ମଲ୍ଲିକ)

ପାଣିକୋଇଲି ଥାନା ଅନ୍ତର୍ଗତ ସଠିପୁର ବୈତରଣୀ ରାସ୍ତାରେ ଗାଡ଼ି ଚଳାଚଳ ଉପରେ ଅଙ୍କୁଶ ଥିଲେ ବି ଏହାକୁ ବାଲିଗାଡ଼ି ଚାଳକ ମାନିବାକୁ ନାରାଜ। ବିଶେଷକରି ବିଦ୍ୟାଳୟ ଛାତ୍ରୀଛାତ୍ର ଯାତାୟାତ ସମୟରେ ଏହାକୁ ବିରୋଧ କରାଯିବାରୁ ଏହି ରାସ୍ତାରେ ବାଲିଗାଡ଼ିଗୁଡିକ ଅପରାହ୍ନ ୨ଟାରୁ ୪ଟା ମଧ୍ୟରେ ଯାତାୟାତ କରିବାକୁ ପ୍ରଶାସନ ପକ୍ଷରୁ କୁହାଯାଇଥିଲା। ମାତ୍ର ଗାଡ଼ିଗୁଡିକ ଏହାକୁ ଅମାନ୍ୟ କରି ଯାତାୟାତ କରିବାରୁ ଦୁଇଦିନ ତଳେ ଏକ ହାଇୱା ଘରେ ପଶିଯିବାରୁ ଜଣେ ବୃଦ୍ଧାଙ୍କର ମୃତ୍ୟୁ ହୋଇଛି। ଶୁକ୍ରବାର ଅପରାହ୍ନ ୪ଟାପରେ ଦ୍ରୁତଗତିରେ ବାଲିବୋଝେଇ ହାଇୱା ଯିବାରୁ ପଳସା ଗ୍ରମବାସୀ ଓ ଆଦିବାସୀ ବସ୍ତିର ଲୋକେ ଗାଡ଼ି ଅଟକାଇ ରାସ୍ତା ଅବରୋଧ କରିଥିଲେ। ଖବର ପାଇ ପାଣିକୋଇଲି ଥାନାଧିକାରୀ ରଞ୍ଜିତ ମହାନ୍ତି, ଏସ୍‌ଆଇ ପ୍ରଶାନ୍ତ ଦାଶ ସଦଳବଳ ପହଞ୍ଚି ଗାଡ଼ି ଚଳାଚଳ ନିୟମ କଡ଼ାକଡ଼ି କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ରାସ୍ତା ଅବରୋଧ ହଟିଥିଲା।

# ଯୋଗ ବାରିଣୀ ସ୍ନାନ, ଯଜ୍ଞ ପ୍ରସ୍ତୁତି ବୈଠକ


ବୈଠକରେ ଯୋଗଦେଇଥିବା ବ୍ୟକ୍ତିବିଶେଷ।

ଚଣ୍ଡିଖୋଲ,୬।୩(ପ୍ରଦୀପ୍ତ କୁମାର ପୃଷ୍ଟି)

ବଡ଼ଚଣା ବ୍ଲକ ଅନ୍ତର୍ଗତ ଗୋପାଳପୁର ପଞ୍ଚାୟତ ଖଡ଼ଗପୁର ଓ ରଇପୁର ଘାଟଠାରେ ଆସନ୍ତା ୨୨ରୁ୨୪ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଯୋଗବାରିଣୀ ସ୍ନାନ ଓ ଯଜ୍ଞପାଇଁ ଚୂଡାନ୍ତ ପ୍ରସ୍ତୁତି ବୈଠକ ଶୁକ୍ରବାର ଖଡ଼ଗପୁର ହାଟମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ଜିଲା ପରିଷଦ ସଭ୍ୟ ବିପିନ ବିହାରୀ ଜେନାଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ଶରତ ସାହୁ ପ୍ରାରମ୍ଭିକ ସୂଚନା ସହ ପୂର୍ବ ବର୍ଷର ବିବରଣୀ ପ୍ରଦାନ କରିଥିଲେ। ଏହି ସ୍ଥାନରେ ତ୍ରିବେଣୀ ସଙ୍ଗମ ହୋଇଥିବାରୁ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ବୁଡ ପକାଇବେ, ସେଥିପାଇଁ ପ୍ରଶାସନିକ ସହଯୋଗର ଆବଶ୍ୟକତା ରହିଛି। ବିଧାୟକଙ୍କ ସହଯୋଗରେ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯିବାକୁ ନେଇ ମତ ପ୍ରକାଶ ପାଇଥିଲା। ବୈଠକରେ ଅଜୟ ସାମଲ, ମନ୍ମଥ କେଶରୀ ସାହେବରାଏ, ରୁଦ୍ରପ୍ରସନ ସାମଲ, ବିଳାସ ଚନ୍ଦ୍ର ବାରିକ, ଦେବେନ୍ଦ୍ର ସାମଲ, ରବୀନ୍ଦ୍ର ବାରିକ, ପ୍ରଦୀପ୍ତ ପ୍ରଧାନ, ଖବରଦାତା ପ୍ରଦୀପ୍ତ କୁମାର ପୃଷ୍ଟି, ଅମରେନ୍ଦ୍ର ସିଂହ, ପ୍ରବାସ କୁମାର ଦାସ, ଯୋଗେନ୍ଦ୍ର ମହାନ୍ତି ଓ ଶୈଳେନ୍ଦ୍ର ନାରାୟଣ ରାୟ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ସରସ ସୁନ୍ଦର କରିବାକୁ ମତ ଦେଇଥିଲେ। ଏହି କାର୍ଯ୍ୟକ୍ରମ ପରିଚାଳନା ପାଇଁ ଅଖପାଖ ୧୦ ପଞ୍ଚାୟତର ମୁରବି ଓ ନେତୃସ୍ଥାନୀୟ ବ୍ୟକ୍ତି ବିଶେଷଙ୍କୁ ନେଇ ଉପଦେଷ୍ଟା ମଣ୍ଡଳୀ, ପ୍ରଚାର ପ୍ରସାର କମିଟି, ପରିଚାଳନା କମିଟି ଗଠନ କରାଯାଇଥିଲା। ସଞ୍ଜୟ ଖୁଣ୍ଟିଆ ଧନ୍ୟବାଦ ଦେଇଥିଲେ।

# ବାଲିଚନ୍ଦ୍ରପୁର ଜଗନ୍ନାଥ ହାଟ ମେଲଣ ଉଦ୍‌ଯାପିତ

ଚଣ୍ଡିଖୋଲ,୬।୩(ପ୍ରଦୀପ୍ତ କୁମାର ପୃଷ୍ଟି)

ବାଲିଚନ୍ଦ୍ରପୁର ଜଗନ୍ନାଥ ହାଟ ମେଲଣ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ପ୍ରାତଃ ସମୟରୁ ବିମାନଗୁଡ଼ିକ ରୋଷଣୀ ସହକାରେ ହାଟ ମେଲଣ ପଡ଼ିଆକୁ ପ୍ରବେଶ କରିଥିଲେ। ଚଳିତ ବର୍ଷ ୨୦ରୁ ଊର୍ଦ୍ଧ୍ୱ ମେଢ ମେଲଣ ପଡ଼ିଆରେ ବିରାଜମାନ କରିଥିଲେ। ପ୍ରଥମେ ବାଲିଚନ୍ଦ୍ରପୁରର ଥାନପତି ରାଧାମୋହନ ଜୀଉ ମେଲଣ ପଡ଼ିଆକୁ ପ୍ରବେଶ କରିବା ପରେ ଅନ୍ୟ ବିମାନଗୁଡ଼ିକ ପଡ଼ିଆକୁ ଆସିଥିଲେ। ଏଥିରେ ନାନପୁର, ପାଟଣା, ରୁକୁଟି ପାଟ, କୃଷ୍ଣଦାସପୁର, ଗୁଣ୍ଡୁପୁର, ମାଣିତ୍ରୀ, ସୋରଳ, ଜେରକନ୍ଦ, ରାହାଣିଆ, ମାହାଙ୍ଗା, ମାଟିପାରିଲୋ, ଅକରପଡ଼ା, ଜିରା, ମୋଗଲପାଟଣା ଓ ବିଲିପଡ଼ା ଆଦି ଗ୍ରାମରୁ ବିମାନ ଆସିଥିଲେ। ମେଲଣ କମିଟି ସଭାପତି ପ୍ରତାପ ଚନ୍ଦ୍ର ପରିଡ଼ା, ଧୀରେନ୍ଦ୍ର ଚୌଧୁରୀ, ପ୍ରଫୁଲ୍ଲ ପରିଡ଼ା, ନାରାୟଣ ପଣ୍ଡା, ବିଜୟ କୁମାର ପରିଡ଼ା, ସଞ୍ଜୟ କୁମାର ସାହୁ, ସଂଗ୍ରାମ କେଶରୀ ପରିଡ଼ା, ପ୍ରକାଶ ଚନ୍ଦ୍ର ସାମଲ, ବଟକୃଷ୍ଣ ସାହୁଙ୍କ ସମେତ ବାଲିଚନ୍ଦ୍ରପୁର ଗ୍ରାମବାସୀ ମେଲଣ ପରିଚାଳନାରେ ସହଯୋଗ କରିଥିଲେ।


ମେଲଣରେ ସାମିଲ ହୋଇଥିବା ଦୋଳବିମାନ।

ସେଲ୍‌ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ଜୟଶ୍ରୀ


@ ମୁନା


@ ପିକୁନ


@ ସୌମ୍ୟ


@ ଶାମରଞ୍ଜନ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଟେଟ୍ରାପ୍ୟାକ୍ ମଦକୁ ନେଇ ପ୍ରତିବାଦ

ଯାଜପୁର ଟାଉନ,୬।୩
(ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି)

ସରକାର ଟେଟ୍ରାପ୍ୟାକ୍ ମଦ ଯୋଗାଇ ଦେବା ନିଷ୍ପତ୍ତି ବିରୋଧରେ ଅଲ୍ ଇଣ୍ଡିଆ ମହିଳା ସାଂସ୍କୃତିକ ସଂଗଠନ ଯାଜପୁର ଜିଲା କମିଟି ପକ୍ଷରୁ ଶୁକ୍ରବାର ପୂର୍ବାହ୍ନ ୧୧ଟାରେ ପ୍ରତିବାଦ ସଭା କରାଯାଇଛି। ସଂଗଠନ ସଭାନେତ୍ରୀ ସୁଲୋଚନା ପ୍ରଧାନଙ୍କ ନେତୃତ୍ୱରେ ଏହି ସଭା ଅନୁଷ୍ଠିତ ହୋଇଥିଲା। ସମାଜରେ ବିଭିନ୍ନ ଅପରାଧମୂଳକ କାର୍ଯ୍ୟ ବଢ଼ି ଚାଲିଥିବାବେଳେ ଟେଟ୍ରା ପ୍ୟାକ୍ ମଦର ପ୍ରଚଳନ ପାଇଁ ସରକାର ଯେଉଁ ନିଷ୍ପତ୍ତି ନେଇଛନ୍ତି ତାହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଓ ନିନ୍ଦନୀୟ। ନିର୍ବାଚନ ବେଳେ ସମ୍ପୂର୍ଣ୍ଣ ମଦ ମୁକ୍ତ ଓଡ଼ିଶା ପାଇଁ ଭାଜପା ଯେଉଁ ସ୍ଲୋଗାନ ଦେଉଥିଲା ତାହା ପ୍ରତାରଣା ଥିଲାବୋଲି ସଭାନେତ୍ରୀ ତାଙ୍କ ବକ୍ତବ୍ୟରେ କହିଥିଲେ। ଟେଟ୍ରାପ୍ୟାକ ମଦର ପ୍ରଚଳନ ୭୦ଟି ମଦ ଦୋକାନ ଖୋଲିବା ଓ ୪ଟି ମଦ କାରଖାନା କରି ଯୁବ ସମାଜ, କୋମଳମତି ଛାତ୍ରଙ୍କୁ ନଷ୍ଟ କରିବା ପାଇଁ ସରକାର ଯେଉଁ ଷଡ଼ଯନ୍ତ୍ର କରିଛନ୍ତି ତାହାକୁ ଉପସଭାନେତ୍ରୀ ପଣ୍ଡା ତୀବ୍ର ନିନ୍ଦା କରିଥିଲେ। ଟେଟ୍ରାପ୍ୟାକ୍ ମଦ ବନ୍ଦ କରିବା ସହିତ ଛାତ୍ରୀ ଓ ଶିଶୁ ମହିମଳାମାନଙ୍କୁ ନିରାପତ୍ତା ଯୋଗାଇ ଦେବା ପାଇଁ ବକ୍ତାମାନେ ଦାବି କରିଥିଲେ। ଏହିମର୍ମରେ ଏକ ସ୍ମାରକପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ପ୍ରଦାନ କରାଯାଇଥିଲା। ସଂଯୁକ୍ତା କର, ରାଜଶ୍ରୀ ମହାନ୍ତି, ଲିଲି ମହାନ୍ତି, ମାଧବୀ ମଲ୍ଲିକ, ମମତା ସେଠୀ, ସର୍ମିଷ୍ଠା ସେଠୀ ଓ ପ୍ରତିମା ମଲ୍ଲିକ ଉକ୍ତ ସଭାରେ ଯୋଗଦେଇ ବକ୍ତବ୍ୟ ରଖିଥିଲେ।



ଅଲ୍ ଇଣ୍ଡିଆ ମହିଳା ସାଂସ୍କୃତିକ ସଂଗଠନର କର୍ମକର୍ତ୍ତା ପ୍ରତିବାଦ କରୁଛନ୍ତି।

# ପ୍ରକଳ୍ପ ପ୍ରସ୍ତାବ ଦେବାକୁ ଆହ୍ୱାନ

## ଧର୍ମଶାଳା ପଞ୍ଚାୟତ ସମିତିର ସାଧାରଣ ଅଧିବେଶନ

ଧର୍ମଶାଳା,୬।୩(ବଟକୃଷ୍ଣ ପରିଡ଼ା)

ଧର୍ମଶାଳା ପଞ୍ଚାୟତ ସମିତିର ୧୨ତମ ସାଧାରଣ ଅଧିବେଶନ ଶୁକ୍ରବାର ପୂର୍ବାହ୍ନ ୧୧ଟାରେ ପଞ୍ଚାୟତ ସମିତି ସଭାଗୃହରେ ଅଧକ୍ଷା ସୁଚିସ୍ମିତା ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏବିଡିଓ ସୁରୋଶ ଚନ୍ଦ୍ର ପଣ୍ଡା ପୂର୍ବ ବୈଠକର ବିବରଣୀ ପାଠ କରିବା ପରେ ଆଲୋଚନା କରାଯାଇ ତାହାକୁ ଅନୁମୋଦନ କରାଯାଇଥିଲା। ଏଥିରେ ୫ମ ରାଜ୍ୟ ଅର୍ଥ କମିଶନ ଓ ୧୫ଦଶ କେନ୍ଦ୍ର ଅର୍ଥ କମିଶନଙ୍କ ଅନୁଦାନ, ପାନୀୟ ଜଳ ଯୋଗାଣ, ବାର୍ଦ୍ଧକ୍ୟ, ବିଧବା ଓ ବିକଳାଙ୍ଗ ଭତ୍ତା ଉପରେ ଆଲୋଚନା କରାଯାଇଥିଲା। ବିଡିଓ ଜ୍ୟୋତିର୍ମୟ କର ସୂଚନା ଦେଇ କହିଥିଲେ ଯେ, ୫ମ ରାଜ୍ୟ ଅର୍ଥକମିଶନ ବାବଦକୁ ୯୮ ଲକ୍ଷ ଓ ୧୫ଦଶ


ଧର୍ମଶାଳା ପଞ୍ଚାୟତ ସମିତି ସାଧାରଣ ଅଧିବେଶନରେ ମଞ୍ଚାସୀନ ଅଧିକାରୀ।

କେନ୍ଦ୍ର ଅର୍ଥ କମିଶନ ପକ୍ଷରୁ ୯୦ ଲକ୍ଷ ଟଙ୍କା ଅନୁଦାନ ଆସିଛି। ତେଣୁ ସରପଞ୍ଚ ଓ ସମିତିସଭ୍ୟମାନେ ମିଳିତ ଭାବେ ପ୍ରକଳ୍ପଗୁଡ଼ିକର ପ୍ରସ୍ତାବ ପ୍ରଦାନ କରିବା ପାଇଁ ସେ ଆହ୍ୱାନ କରିଥିଲେ। ଏମ୍‌ପିଙ୍କ ପ୍ରତିନିଧି କାହ୍ନୁଚରଣ ଦାଶ ଓ ବିଧାୟକଙ୍କ ପ୍ରତିନିଧି ଅଭିଷେକ ରାଉତ ଉପସ୍ଥିତ ଥିଲେ। ବ୍ଲକ ଉପାଧକ୍ଷା ବିଶ୍ୱବିଜୟିନୀ ମିଶ୍ର ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରି ବିଭିନ୍ନ ପଞ୍ଚାୟତରେ ଉନ୍ନୟନମୂଳକ କାର୍ଯ୍ୟ ତ୍ୱରାନିତ କରିବା ପାଇଁ ପ୍ରସ୍ତାବ ଦେଇଥିଲେ। ଜାରକା ସରପଞ୍ଚ ସୁଦାମ ଚରଣ ବେହେରା, କ୍ଷେତ୍ରପାଳ ସରପଞ୍ଚ ଫକୀର ନାରାୟଣ ମିଶ୍ର, ଚକ୍ରଧରପୁର ସରପଞ୍ଚ ସରୋଜିନୀ ନାୟକ, ପାଟପୁର ସରପଞ୍ଚ ସନ୍ଧ୍ୟାରାଣୀ ନାୟକ, ବଡ଼କାଏମା ସମିତିସଭ୍ୟ ସୌମ୍ୟରଞ୍ଜନ ପଣ୍ଡା, ୧୧ନମ୍ବର ଜୋନ ଜିଲା ପରିଷଦ ସଭ୍ୟ ସୁଧାଂଶୁ ମୋହନ ସାହୁ ପ୍ରମୁଖ ଉପସ୍ଥିତ ରହି ପାନୀୟ ଜଳ ଯୋଗାଣ ସମ୍ପର୍କରେ ବିଭିନ୍ନ ପ୍ରଶ୍ନ କରିଥିଲେ। ସେହିପରି ବହୁ ସଂଖ୍ୟାରେ ବାର୍ଦ୍ଧକ୍ୟ, ବିଧବା ଓ ବିକଳାଙ୍ଗ ଭତ୍ତା ଆବେଦନ କରାଯାଇଥିବାରୁ ତୁରନ୍ତ ଭତ୍ତା ପ୍ରଦାନ କରିବାକୁ ଦାବି କରାଯାଇଥିଲା। ପ୍ରୋଗ୍ରାମ ଅଧିକାରୀ ବିଷ୍ଣୁଦତ୍ତ ଧଳ ଧନ୍ୟବାଦ ଦେଇଥିଲେ।

# ନକଲି ଚାଷୀଙ୍କ ନାମରେ ବେପାରୀଙ୍କ ଧାନ କିଣାବିକା

## ଧରିତ୍ରୀ ପ୍ରଭାବ

### ସମବାୟ ସମିତିରେ ଏଆର୍‌ସିଏସ୍‌ଙ୍କ ତଦନ୍ତ

ପଟ୍ଟାମୁଣ୍ଡାଇ, ୬।୩(କଳ୍ପତରୁ ନାୟକ)

କେନ୍ଦ୍ରାପଡା ଜିଲା ପଟ୍ଟାମୁଣ୍ଡାଇ ବ୍ଲକ ଶ୍ୟାମସୁନ୍ଦରପୁର ସମବାୟ ସମିତିରେ ଧାନ କିଣାବିକାରେ ଫଲ୍ସ ଏଣ୍ଟ୍ରି ଓ ବେପାରୀଙ୍କ ଧାନ ବିକ୍ରିକୁ ନେଇ ଅଭିଯୋଗ ହୋଇଆସୁଥିଲା। ଏଭଳି ଫଲ୍ସ ଏଣ୍ଟ୍ରିରେ ବେପାରୀଙ୍କ ଧାନ ବିକ୍ରିକୁ ନେଇ ସମବାୟ ସମ୍ପାଦକଙ୍କ ସହ ମୂଲଚାଲ ଉତ୍କୋଚ କାରବାରର ଭିଡିଓ ଧରିତ୍ରୀକୁ ମିଳିବା ପରେ ଶୁକ୍ରବାର ଖବର ପ୍ରକାଶ ପାଇଥିଲା । ଯାହା କେନ୍ଦ୍ରାପଡ଼ା ଜିଲାରେ ହଇଚଇ ସୃଷ୍ଟି କରିଥିଲା। ଜିଲାପାଳ ଘଟଣାକୁ ଗୁରୁତ୍ୱର ସହିତ ନେଇ ଏଆରସିଏସ୍ ଯୋଗେନ୍ଦ୍ର ବିଶ୍ୱାଳଙ୍କୁ ଏହାର ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ଏଆରସିଏସ୍ ବିଶ୍ୱାଳ ଶୁକ୍ରବାର ପୂର୍ବାହ୍ନରେ ତଦନ୍ତ ସାରିଥିବାବେଳେ ରିପୋର୍ଟ ଜିଲା ଅଧିକାରୀଙ୍କୁ ଦେଇଥିବା ପ୍ରକାଶ କରିଛନ୍ତି। ତେବେ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ ପୂର୍ବରୁ ବାରମ୍ବାର ଅଭିଯୋଗ ହେଉଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନାହିଁ। ଫଳରେ ଏଭଳି ଏକ ସମ୍ବେଦନଶୀଳ ଘଟଣାରେ ପ୍ୟାଚ୍ ମାରିବାକୁ ଉଦ୍ୟମ ଆରମ୍ଭ ହୋଇଯାଇଥିବା ନେଇ ଉପସ୍ଥିତ ଚାଷୀଙ୍କ ମହଲରେ ଚର୍ଚ୍ଚା ହେଉଥିବାବେଳେ ଏଥିରେ ଉପରିସ୍ଥ ଅଧିକାରୀଙ୍କ ଭୂମିକାକୁ ନେଇ ମଧ୍ୟ ନାନା ସନ୍ଦେହ ଉପୁଜିଥିଲା। ଏନେଇ ସେଠାରେ ଉପସ୍ଥିତ ଚାଷୀମାନେ ଏଆରସିଏସ୍ ବିଶ୍ୱାଳଙ୍କ ସହିତ ପାଖାପାଖି ୩ ଘଣ୍ଟା ଯୁକ୍ତିତର୍କ କରିଥିଲେ । ପରେ ବିଶ୍ୱାଳ ଜବରଦସ୍ତ ଯିବାକୁ ବାହାରିବାରୁ ଚାଷୀମାନେ ତାଙ୍କ ଗାଡି ଆଗରେ ଶୋଇ ପଡ଼ିଥିବା ଦୃଶ୍ୟ ଦେଖିବାକୁ ମିଳିଥିଲା। ଏହି ଘଟଣାର ଏକ ଉଚ୍ଚସ୍ତରୀୟ ତଦନ୍ତ ହେଲେ ସବୁ ରହସ୍ୟ ପଦାକୁ ଆସିବ ବୋଲି ସାଧାରଣ ଚାଷୀମାନେ ମତ ଦେଇଛନ୍ତି। ଉଲ୍ଲେଖଯୋଗ୍ୟ, ପଟ୍ଟାମୁଣ୍ଡାଇ ବ୍ଲକ ଅଧୀନ ଖଡିଅଣ୍ଟା ଓ ଶ୍ୟାମସୁନ୍ଦରପୁର ଉଭୟ ସମବାୟ ସମିତି ସମ୍ପାଦକ ତପନ ସ୍ୱାଇଁ ଥିବାବେଳେ ଏହି ଦୁଇ ମଣ୍ଡିରେ ଧାନ କିଣାବିକା ଓ ଫଲ୍ସ ଏଣ୍ଟ୍ରିକୁ ନେଇ ଚର୍ଚ୍ଚା ଜୋର ଧରିଛି। ବିକ୍ରି ପାଇଁ ମଣ୍ଡିକୁ ଆସିଥିବା ଧାନ ମାସମାସ ଧରି ମଣ୍ଡିରେ ପଡ଼ି ରହିଛି। ଅଥଚ ମଣ୍ଡିକୁ ନ ଆସି ବେପାରୀ(ମଧ୍ୟସ୍ଥ)ଙ୍କ ଜରିଆରେ ସିଧାସଳଖ ବିକ୍ରି ହେଉଛି। ଏନେଇ ଚାଷୀ ବାରମ୍ବାର କେନ୍ଦ୍ରାପଡ଼ା ଜିଲା ପ୍ରଶାସନଙ୍କୁ ଅଭିଯୋଗ କରିଆସୁଥିଲେ ମଧ୍ୟ ସମ୍ପାଦକଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠନ ନେଉନଥିଲେ। ଯାହାକୁ ନେଇ ଚାଷୀ ଗୁରୁବାର ଲିଖିତ ଭାବେ ଧରିତ୍ରୀ ପଟ୍ଟାମୁଣ୍ଡାଇ ଖବରଦାତାଙ୍କୁ ଜଣାଇଥିଲେ । ଏନେଇ ଖବର ପ୍ରକାଶ ପାଇବା ପରେ ଏହି ଘଟଣାକୁ ନେଇ ଶୁକ୍ରବାର ଜିଲା ପ୍ରଶାସନ ପକ୍ଷରୁ ତଦନ୍ତ ହୋଇଥିଲା। ମାତ୍ର ଏହି ତଦନ୍ତ ପ୍ରଭାବଶାଳୀ ନୁହେଁ, ଧର୍ମକୁ ଆଖିଠାର ଭଳି ବୋଲି ଚାଷୀ ଅଜିତ ରାଉତ, ଧନେଶ୍ୱର ସାହୁ, ଅର୍ଜ୍ଜୁନ ରାଉତ, ସୁବାସ ରାଉତ, ପ୍ରଫୁଲ୍ଲ ପରିଡା, ନିରଞ୍ଜନ ସାହୁ, ସନ୍ଧ୍ୟାରାଣୀ ସାହୁ, ଗିନାରାଣୀ ସାହୁ, ଧ୍ରୁବ ସାହୁ, ବୀରକିଶୋର ନାୟକ ଓ ଅଶୋକ ସ୍ୱାଇଁ ପ୍ରମୁଖ କହିବା ସହିତ ସବୁଥର ଏଭଳି ହୋଇ ଆସୁଛି। ଆଜି ଯେଉଁ ତଦନ୍ତ କରାଯାଇଛି ଯଦି ରାଜ୍ୟସ୍ତରୀୟ ତଦନ୍ତ ହେବ ତେବେ ଏଥିରେ ସମ୍ପୃକ୍ତ ଥିବା ବଡ଼ବଡ଼ିଆ ଅଧିକାରୀ ଧରାପଡ଼ିବେ। ଆଜିର ତଦନ୍ତରେ ଯଦି ଠିକ୍‌ଭାବେ କାର୍ଯ୍ୟାନୁଷ୍ଠାନ ନିଆ ନ ଯାଏ, ତେବେ ଆନ୍ଦୋଳନକୁ ଓହ୍ଲାଇବା ପାଇଁ ବାଧ ହେବୁ ବୋଲି ସେମାନେ କହିଛନ୍ତି ।


ପଟ୍ଟାମୁଣ୍ଡାଇ ସମବାୟ ସମିତିରେ ଏଆରସିଏସ୍‌ଙ୍କ ତଦନ୍ତ ।

# ବ୍ଲକ୍‌ସ୍ତରୀୟ ଏଚ୍‌ପିଭି ଟିକାକରଣର ଶୁଭାରମ୍ଭ


ଟିକାକରଣ କାର୍ଯ୍ୟକ୍ରମକୁ ଅଧିକାରୀମାନେ ଶୁଭାରମ୍ଭ କରୁଛନ୍ତି ।

ମାର୍ଶାଘାଇ,୬।୩(ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)

ମାର୍ଶାଘାଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଶୁକ୍ରବାର ବ୍ଲକସ୍ତରୀୟ ଏଚ୍‌ପିଭି ଟିକାକରଣର ଶୁଭାରମ୍ଭ କରାଯାଇଛି । ମାର୍ଶାଘାଇ ପଞ୍ଚାୟତ ସମିତି ଚେୟାରମ୍ୟାନ ମଧୁସ୍ମିତା ସାମଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିବିରକୁ ଶୁଭାରମ୍ଭ କରିଥିଲେ । ଜିଲାପରିଷଦ ସଦସ୍ୟ ପ୍ରମୋଦ କୁମାର ରଥ, କେନ୍ଦ୍ରାପଡ଼ା ଜିଲା ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ (ପରିବାର ମଙ୍ଗଳ) ଡାକ୍ତର ସଚ୍ଚିଦାନନ୍ଦ ମିଶ୍ର, ଡାକ୍ତର ରିତେଶ ସାହୁ, ସିଡିପିଓ ଶୈଳବାଳା ଚାଷୀ,ଏବିଡିଓ ଇତିଶ୍ରୀ ପଣ୍ଡା, ନାନକର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ଡାକ୍ତର ସୌରଭ ମହାପାତ୍ର, ବିପିଏମ ହିମାଦ୍ରୀ କେଶରୀ ମହାରଥୀ, ଅମରନାଥ ଦାସ, ବିଡିଏମ ନିରୁପମା ସ୍ୱାଇଁ ପ୍ରମୁଖ ଟିକାକାରଣ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ମେଡିକାଲ ସୁପର ଭାଇଜର ପ୍ରବୀଣ ସେନାପତି, ମେଲ ହେଲଥ ୱାର୍କର ରଶ୍ମିରଞ୍ଜନ ଲେଙ୍କା, ଫିମେଲ ହେଲଥ ୱାର୍କର କାଜମିନୀ ଦାସ, ଏଏନ୍‌ଏମ୍ ସୁଜାତା ସେଠୀ ପ୍ରମୁଖ ସହଯୋଗ କରିଥିଲେ। ଏହି ଶିବିରରେ କୋଡିଏ ଜଣ କିଶୋରୀଙ୍କୁ ଟିକାକରଣ କରାଯାଇଥିଲା।

# ଅଟୋ ଓଲଟି ୪ ଗୁରୁତର

ଆଳି, ୬।୩(ବନମାଳୀ ସେନାପତି)

କଟକ-ଚାନ୍ଦବାଲି ରାସ୍ତା ଆଳି ଶାସନ ଛକ ନିକଟରେ ଏକ ଅଟୋ ଭାରସାମ୍ୟ ହରାଇ ଓଲଟି ପଡ଼ିବାରୁ ଚାଳକଙ୍କ ସମେତ ୪ ଜଣ ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି । ସୂଚନା ଅନୁଯାୟୀ ମାଣିକପାଟଣାରୁ ଏକ ଅଟୋରେ ଆଳି ବଜାରକୁ ଆସୁଥିବା ବେଳେ ଶାସନ ଛକ ନିକଟରେ ଏକ କୁକୁର ଅଟୋ ମଝିକୁ ପଶିଯାଇଥିଲା । ଫଳରେ ଭାରସାମ୍ୟ ହରାଇ ଅଟୋଟି ଓଲଟି ପଡ଼ିଥିଲା । ଅଟୋରେ ଥିବା ଚାଳକ ଗୋଲେଖ ଜେନା,କଳ୍ପନା ଜେନା, ତିଲୋତ୍ତମା ଦାସ ଓ ଗୀତାଞ୍ଜଳି ତରାଇ ରାସ୍ତାରେ ଛିଟିକି ପଡ଼ିଥିଲେ । ଗୁରୁତର ଆହତ ଅବସ୍ଥାରେ ପଡ଼ିଥିବା ଦେଖି ସ୍ଥାନୀୟ ଲୋକେ ସେମାନଙ୍କୁ ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ଆହତମାନଙ୍କର ମୁଣ୍ଡ ହାତ ଗୋଡ଼ ଅଣ୍ଟାରେ ଗଭୀର କ୍ଷତ ସୃଷ୍ଟି ହୋଇଛି । ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଆହତମାନଙ୍କର ପ୍ରାଥମିକ ଚିକିତ୍ସା କରାଯାଇଥିଲା । ତିଲୋତ୍ତମା ଦାସ ଓ ଗୀତାଞ୍ଜଳି ତରାଇଙ୍କ ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ କେନ୍ଦ୍ରାପଡ଼ା ଜିଲା ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଛି ।

# ବ୍ରହ୍ମାକୁମାରୀଙ୍କ ପକ୍ଷରୁ ହୋଲି ଉତ୍ସବ


ବ୍ରହ୍ମାକୁମାରିଜକମାନେ ହୋଲି ଉତ୍ସବ ପାଳନ କରୁଛନ୍ତି ।

ଡେରାବିଶ, ୬।୩(ବେବର୍ତ୍ତା ଅଜୟ ଦାସ)

ଡେରାବିଶ ବ୍ଲକ ଚାନ୍ଦୋଳ ସ୍ଥିତ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଜିତେନ୍ଦ୍ରିୟ ଭବନରେ ବ୍ରହ୍ମାକୁମାରୀଙ୍କ ପକ୍ଷରୁ ହୋଲି ଉତ୍ସବ ପାଳିତ ହୋଇଯାଇଛି। ପ୍ରତ୍ୟୁଷରୁ ଆଶ୍ରମ ପରିସର ଚଳଚଞ୍ଚଳ ହୋଇ ଉଠିଥିବା ବେଳେ ଏକ ପ୍ରାର୍ଥନା ସଭାରେ ସମସ୍ତେ ଏକତ୍ରିତ ହୋଇଥିଲେ। ଜୀବନରେ ଶିବ ପରମାତ୍ମାଙ୍କ ରଙ୍ଗ ଲାଗିଲେ ସୁଖ, ଶାନ୍ତି ଓ ଆନନ୍ଦ ପ୍ରାପ୍ତି ହୋଇଥାଏ। ଦୁଃଖର ରଙ୍ଗକୁ ପରିବର୍ତ୍ତନ କରି ପରମାତ୍ମା ସୁଖର ରଙ୍ଗ ଲଗାଇବାକୁ ଧରା ପୃଷ୍ଠରେ ଅବତରଣ କରିଛନ୍ତି। ଜୀବନରେ ଆତ୍ମାନୁଭୂତି କରି ଏକ ପବିତ୍ର ଓ ସୁଖମୟ ଜୀବନରେ ଚାଲି ଭାଇଚାରା ସହିତ ରାଜ୍ୟ ସ୍ଥାପନ କରିବା ପ୍ରଜାପିତା ଶିକ୍ଷା ଦେଇଛନ୍ତି ବୋଲି ଆଶ୍ରମର ତତ୍ତ୍ୱାବଧାରିକା ରାଜଯୋଗିନୀ ବିକେ ପିଙ୍କି ଆଶୀର୍ବଚନ ପ୍ରଦାନ କରି ଏହା କହିଥିଲେ। ଏହି ଅବସରରେ ବ୍ରହ୍ମାକୁମାରୀମାନେ ପରସ୍ପରକୁ ଅବିର ବୋଳି ହୋଲି ପର୍ବ ପାଳନ କରିଥିଲେ। ବିକେ ରଘୁ, ସରୋଜ,ବୁଲା, ଶିବାନୀ, ସୁଜାତା, ମୀନା ଓ ବାସନ୍ତୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଶେଷରେ ବ୍ରହ୍ମା ଭୋଜନରେ ସମସ୍ତେ ଆପ୍ୟାୟିତ ହୋଇଥିଲେ।

# ଖରସ୍ରୋତା ନଦୀରୁ ଯୁବକଙ୍କ ମୃତଦେହ ଜବତ

ଆଳି,୬।୩(ବନମାଳୀ ସେନାପତି)

ହୋଲି ଖେଳି ସାରି ଖରସ୍ରୋତା ନଦୀରେ ସାଙ୍ଗମାନଙ୍କ ସହ ଗାଧୋଉଥିବା ବେଳେ ନଦୀରେ ବୁଡ଼ି ନିଖୋଜ ଥିବା ଟୁଙ୍ଗା ଗ୍ରାମର ଶୁଭ ସଂକଳ୍ପ ବାରିକଙ୍କ ମୃତଦେହ ଶୁକ୍ରବାର ଜବତ ହୋଇଛି । ସୂଚନା ମୁତାବକ ଆଳି ଥାନା ଅନ୍ତର୍ଗତ ଟୁଙ୍ଗା ଗ୍ରାମର ପ୍ରକାଶ ବାରିକଙ୍କ ପୁଅ ଶୁଭ ସଂକଳ୍ପ (୨୪) ଗତ ବୁଧବାର ହୋଲି ଖେଳି ସାରି ସାଙ୍ଗମାନଙ୍କ ସହ ଗାଁ ନିକଟରେ ପ୍ରବାହିତ ଖରସ୍ରୋତା ନଦୀକୁ ଗାଧୋଇଯାଇଥିଲେ । ଗାଧୋଉଥିବା ବେଳେ ସେ ବୁଡ଼ିଯାଇଥିଲେ । ସାଙ୍ଗମାନେ ତାଙ୍କୁ ଉଦ୍ଧାରକରିବା ନିମନ୍ତେ ଚେଷ୍ଟା କରିଥିଲେ ମଧ ପାରି ନ ଥିଲେ । ଯୁବକମାନେ ନଦୀରେ ଶୁଭ ସଂକଳ୍ପ ବୁଡ଼ିଯାଇଥିବା ନେଇ ଜଣାଇବା ପରେ ଗ୍ରାମବାସୀ ଡଙ୍ଗା ସାହାଯ୍ୟରେ ଖୋଜାଖୋଜି କରିବା ସହ ଆଳି ଦମକଳ ବାହିନୀଙ୍କୁ ଖବର ଦେଇଥିଲେ। ଦମକଳ ବାହିନୀ ନଦୀରେ ଗତ ବୁଧବାରଠାରୁ ଗୁରୁବାର ସନ୍ଧ୍ୟା ପର୍ଯ୍ୟନ୍ତ ଖୋଜାଖୋଜି କରିଥିଲେ ମଧ ଯୁବକଙ୍କୁ ଉଦ୍ଧାରକରିପାରି ନ ଥିଲେ । ଶୁକ୍ରବାର ସକାଳେ ମୃତଦେହ ନଦୀରେ ଭାସିବା ପରେ ଏହାକୁ ବାହାରକରାଯାଇ ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା। ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା ।


ମୃତ ଶୁଭ ସଂକଳ୍ପ ବାରିକ ।

# ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ନୂତନ ଗୃହ ଉଦ୍‌ଘାଟନ

ପଟ୍ଟାମୁଣ୍ଡାଇ,୬।୩
(କଳ୍ପତରୁ ନାୟକ)

କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା ଶୁକ୍ରବାର ଓଡ଼ିଶା ଗସ୍ତରେ ଥାଇ ଭର୍ଚୁଆଲ୍ ମାଧ୍ୟମରେ ଅନେକ ନୂଆ ଥାନାର ନୂତନ ଗୃହର ଉଦ୍‌ଘାଟନ କରିଛନ୍ତି। ସେଥିରୁ କେନ୍ଦ୍ରାପଡା ଜିଲା ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନାକୁ ଗୃହମନ୍ତ୍ରୀ ଶାହା ଭର୍ଚୁଆଲ ମୋଡ୍‌ରେ ଉଦ୍‌ଘାଟନ କରିଛନ୍ତି। କେନ୍ଦ୍ରାପଡା ଅତିରିକ୍ତ ଏସ୍‌ପି ପ୍ରଭାତ କୁମାର ବିଶ୍ୱାଳ, ଡିଏସ୍‌ପି ସରୋଜ ସାହୁଙ୍କ ତତ୍ତ୍ୱାବଧାନରେ ଗ୍ରାମାଞ୍ଚଳ ଥାନାରେ ଆୟୋଜିତ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ରାଜନଗର ବିଧାୟକ ଧ୍ରୁବ ସାହୁ, ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ଉପାଧ୍ୟକ୍ଷା ଜୟନ୍ତୀ ସ୍ୱାଇଁ, ପଟ୍ଟାମୁଣ୍ଡାଇ ଏସ୍‌ଡିପିଓ ସୁକାନ୍ତ ପାତ୍ର, ଗ୍ରାମାଞ୍ଚଳ ଥାନା ଆଇଆଇସି ଶ୍ରୀକାନ୍ତ ବାରିକଙ୍କ ସମେତ ବହୁ ବୁଦ୍ଧିଜୀବୀ, ବିଭିନ୍ନ ପଞ୍ଚାୟତ ସରପଞ୍ଚ, ସମିତିସଭ୍ୟା/ସଭ୍ୟ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ ।

# ଖରିନାସି ପାର୍ଶ୍ୱବର୍ତ୍ତୀ ଜଙ୍ଗଲରେ ନିଆଁ

## ବନ ବିଭାଗର ଶୀତତାପ ନିୟନ୍ତ୍ରିତ କୋଠରିରେ ସଚେତନତା

ମହାକାଳପଡ଼ା, ୬।୩(ପ୍ରତାପ ଚନ୍ଦ୍ର ସ୍ୱାଇଁ )

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଖରିନାସି ପାର୍ଶ୍ୱବର୍ତ୍ତୀ ଜଙ୍ଗଲ ମଧ୍ୟରେ ଠାଏ ଠାଏ ନିଆଁ ଲାଗି ବହୁ ଗଛ ଜଳିଯାଇଛି। ଆଉ କେତେକ ଗଛ ଅଧା ଜଳିଯାଇଛି ବୋଲି ଦେଖିବାକୁ ମିଳୁଛି। ସ୍ଥାନୀୟ ଅଞ୍ଚଳର କେତେକ ଦୃର୍ବୃତ୍ତ ନଡ଼ା ବିଛାଇ ଗଛରେ ନିଆଁ ଲଗାଇ ପରବର୍ତ୍ତୀ ସମୟରେ ଜାଳେଣି କାଠ ସଂଗ୍ରହ କରିଥାନ୍ତି ବୋଲି ସ୍ଥାନୀୟ ବାସିନ୍ଦା କହିଛନ୍ତି । ଅପର ପକ୍ଷରେ ବନ ବିଭାଗ ପକ୍ଷରୁ ଜଙ୍ଗଲରେ ନିଆଁ ଲାଗିବାକୁ ବାରଣ କରିବା ପାଇଁ ସୀମିତ ସଚେତନ କରୁଛନ୍ତି। ଏପରିକି ଜଙ୍ଗଲ ପାର୍ଶ୍ୱବର୍ତ୍ତୀ ଗାଁରେ ନ କରି ଶୀତତାପ ନିୟନ୍ତ୍ରିତ କୋଠରିରେ ସଚେତନ କରାଯାଉଥିବା କୁହାଯାଉଛି। ଏପରିକି ବନରକ୍ଷୀ ଓ ବନପାଳଙ୍କ ସମେତ ତଳିଆ କର୍ମଚାରୀ ୱାଚରମାନେ କୌଣସି ଜଙ୍ଗଲ ଅଞ୍ଚଳରେ ଦୈନିକ ପରିଦର୍ଶନ କରୁ ନାହାନ୍ତି କି ଜଙ୍ଗଲ ମଧ୍ୟରେ ନିଆଁ ଲାଗିବା ହେଉ କି କାଠ କାଟିବା ହେଉ କି ଗଛ କାଟି ରାସ୍ତା ନିର୍ମାଣକୁ ନେଇ ତଦାରଖ କରିବାରେ ଗୁରୁତର ଅବହେଳା କରୁଛନ୍ତି। ଫଳରେ ଦୁର୍ବୃତ୍ତମାନେ ବିନା ସଙ୍କୋଚରେ ଜଙ୍ଗଲ ମଧ୍ୟରେ ନିଆଁ ଲଗାଇ କାଠ କାଟି ନେଉଥିବା ଅଭିଯୋଗ ହେଉଛି। ଅପରପକ୍ଷରେ ମହାକାଳପଡ଼ା ବନାଞ୍ଚଳ ଅଫିସ ଜମ୍ବୁ ଲକ ସଂଲଗ୍ନ ଗଳିଆ ନଦୀ ପାର୍ଶ୍ୱ ପ୍ରଶସ୍ତୀକରଣ ଘେରି ବନ୍ଧ ନିର୍ମାଣ ହେଉଥିବା ବେଳେ ଲୁଣା ହେନ୍ତାଳ ଶହ ଶହ ଗଛ କାଟି ବଡ ବଡ ପୋଖରୀ ଭଳି ଖନନ କରାଯାଇଛି। ସେହିପରି ଖରିନାସି ୧୨ଶହ ଏକର, ୮ ଶହ ଏକର ପାର୍ଶ୍ୱ ଶହ ଶହ ଜଙ୍ଗଲ ଗଛ କରାଯାଇ ସୁଉଚ୍ଚ ଘେରି ବନ୍ଧ ରାସ୍ତା ନିର୍ମାଣ କାର୍ଯ୍ୟ ଚାଲିଛି। ହେଲେ ବନ ବିଭାଗ ଅଧିକାରୀମାନଙ୍କ ଦାୟିତ୍ୱ ହୀନତା ଯୋଗୁ ହଜାର ହଜାର ଗଛକୁ ଠିକାଦାର କାଟି ସଫା କରି ଦେଉଥିବା ଅଭିଯୋଗ ହେଉଛି। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ବ୍ୟାପକ ଚାରାରୋପଣକୁ ଗୁରୁତ୍ୱ ଦେଉଛନ୍ତି। କୋଷ୍ଟାଲ ଓଡ଼ିଶା ଇକୋ ଫାଉଣ୍ଡେଶନ ମୁଖ୍ୟ ପରିବେଶବିତ୍ ଚିନ୍ମୟ କୁମାର ଦାସ, ବିଭାଗୀୟ ଅଧିକାରୀଙ୍କ ବିନା ଅନୁମତିରେ ଠିକାଦାର କିପରି ଜଙ୍ଗଲ କାଟି ରାସ୍ତା ନିର୍ମାଣ କରୁଛନ୍ତି ତାକୁ ଘୋର ନିନ୍ଦା କରିଛନ୍ତି। ଏ ସଂକ୍ରାନ୍ତରେ ରାଜନଗର ବନଖଣ୍ଡ ଅଧିକାରୀ ଭରଦ୍ୱାଜ ଗାଁଓକରଙ୍କ ମତାମତ ନେବାରେ ଜଙ୍ଗଲରେ ନିଆଁ ଲାଗିବା ଘଟଣା ସ୍ଥଳ ପରିଦର୍ଶନ କରି ତଦନ୍ତ କରାଯିବ ବୋଲି କହିଛନ୍ତି।


ମହାକାଳପଡ଼ା ରେଞ୍ଜ ଅଧୀନ ଖରିନାସି ଜିରୋ ପଏଣ୍ଟଠାରୁ ୧କି.ମି. ଦୂର ଜଙ୍ଗଲ ପାର୍ଶ୍ୱରେ କଞ୍ଚା ଗଛ ଜଳିଯାଇଛି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ
DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ଜୟଶ୍ରୀ


@ ମୁନା


@ ପିକୁନ


@ ସୌମ୍ୟ


@ ଶାମରଞ୍ଜନ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ପୁନର୍ବାସରେ ଷ୍ଟାଣ୍ଡିଂ ଲାଇବ୍ରେରି ଉଦ୍‌ଘାଟିତ


ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅତିଥିମାନେ ।

କେନ୍ଦ୍ରାପଡ଼ା, ୬।୩ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ସହର ମାଧପୁରସ୍ଥିତ ପୁନର୍ବାସ ଅନୁଷ୍ଠାନ ପକ୍ଷରୁ ଷ୍ଟାଣ୍ଡିଂ ଲାଇବ୍ରେରି ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି । ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ଡ. ବିରଜା ରାଉତରାୟ ଏ ସମ୍ପର୍କରେ କହିଛନ୍ତି, ସାମ୍ପ୍ରତିକ ସମୟରେ ପୁସ୍ତକ ପଠନ ରୁଚି ବଦଳିଯାଉଛି । ମୋବାଇଲରେ ଉପଲବ୍ଧ କେତେକ ରିଲ୍ ଓ ଅନ୍ୟ କେତେକ ସାମାଜିକ ଗଣମାଧ୍ୟମରେ ସମୟ ଅତିବାହିତ କରିବାକୁ ପଡୁଛି । ମୋବାଇଲରେ ଉପଲବ୍ଧ ସମସ୍ତ ବିଷୟ ସମାଜ ପାଇଁ ହିତକାରକ ନୁହେଁ। ଅପରପକ୍ଷରେ ମୁଦ୍ରିତ ପୁସ୍ତକ ଓ ଖବରକାଗଜ ପଢ଼ାରେ ସମୟ ଅପଚୟ ହେବା ଅପେକ୍ଷା ବୌଦ୍ଧିକତାକୁ ଅଧିକ ଶାଣିତ କରେ ଏହାକୁ ଦୃଷ୍ଟିରେ ରଖି ଅନୁଷ୍ଠାନର ଫିଜିଓଥେରାପି ସେଣ୍ଟର ଓ ଶିଶୁ ଥେରାପି କେନ୍ଦ୍ରରେ ଦୁଇଟି ଷ୍ଟାଣ୍ଡିଂ ଲାଇବେରି ଅନୁଷ୍ଠାନ ପକ୍ଷରୁ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ଖବରକାଗଜ ସହ ବିଭିନ୍ନ ପୁସ୍ତକ ପଠନ ପାଇଁ ସୁଯୋଗ ସୃଷ୍ଟି କରାଯାଇଛି । ଏହି ଲାଇାବ୍ରେରିକୁ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଶୋକ ବଳିଆର ସିଂହ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ବିଜୟକେତନ ସାହୁ ସମ୍ମାନିତ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିବା ଅନୁଷ୍ଠାନ ଉପଦେଷ୍ଟା ଡ. ରାଉତରାୟ ସୂଚନା ଦେଇଛନ୍ତି । ଏହି କାର୍ଯ୍ୟକ୍ରମରେ ସହସମ୍ପାଦକ ବଂଶୀଧର ମହାନ୍ତି, ଉପସଭାପତି ଜ୍ୟୋତିରଞ୍ଜନ ନାୟକ, ସଞ୍ଜୀବ କୁମାର ଜେନା, କେଦାରନାଥ ବାରିକ, ଗାୟତ୍ରୀ ପୃଷ୍ଟି ଓ ଧରଣୀଧର ସେଠୀ ପ୍ରମୁଖ ପରିଚାଳନା କରିଥିଲେ ।

# ମାଟିରେ ମିଶିଲାଣି ବାଉରୀକାନ୍ଥ ପାହାଡ଼

- ଅବାଧରେ ଚାଲିଛି ବ୍ଲାଷ୍ଟିଂ
- ଘର ଫାଟିଲାଣି, ଭୂମିକମ୍ପ ପରି ଝଟ୍‌କା
- ଜିଲାପାଳଙ୍କୁ ଫେରାଦ୍ ପରେ ନାହିଁ କାର୍ଯ୍ୟାନୁଷ୍ଠାନ


ମାଟିରେ ମିଶିଯାଇଥିବା ବାଉରୀକାନ୍ଥ ପାହାଡ।

ନୟାଗଡ଼/ରଣପୁର,୬।୩ (ଲୋକନାଥ ମିଶ୍ର/ସୁକାନ୍ତ କିଶୋର ଡାକୁଆ)

ଅବାଧରେ ଚାଲିଥିବା ବେଆଇନ ବ୍ଲାଷ୍ଟିଂ ଉପରେ କାର୍ଯ୍ୟାନୁଷ୍ଠାନ ନ ଥିବାରୁ ନୟାଗଡ଼ ଜିଲା ରଣପୁର ତହସିଲ ବାଉରୀକାନ୍ଥ ପାହାଡ ମାଟିରେ ମିଶିବା ଆରମ୍ଭ ହୋଇଛି। ବ୍ଲାଷ୍ଟିଂର ପ୍ରଭାବରେ ଘର ଫାଟିବା ଆରମ୍ଭ ହୋଇଥିବା ବେଳେ ଭୂମିକମ୍ପ ପରି ଝଟ୍‌କା ପ୍ରତ୍ୟହ ଲାଗୁଛି ବୋଲି ଅଭିଯୋଗ ହୋଇ ଆସୁଛି। ଖଣି ବିଭାଗକୁ ବାରମ୍ବାର ଅଭିଯୋଗ ପରେ କାର୍ଯ୍ୟାନୁଷ୍ଠାନ ନ ଥିବାରୁ ଜିଲାପାଳଙ୍କୁ ଅଭିଯୋଗ ହୋଇଛି। ତେବେ କାର୍ଯ୍ୟାନୁଷ୍ଠାନ ନ ଥିବା କୁହାଯାଉଛି।

ବାଉରୀକାନ୍ଥ ପାହାଡ ସିନ୍ଧୁରିଆ ମୌଜାରେ ରହିଛି। ତେବେ ମଝିଆଖଣ୍ଡ, ମହତପଲ୍ଲା, କାଣ୍ଡପଡା ଓ ବନ୍ଧମୁଣ୍ଡା ପଞ୍ଚାୟତର ୬୦ରୁ ଊର୍ଦ୍ଧ୍ୱ ଗାଁ ବାଉରୀକାନ୍ଥ ପାହାଡକୁ ଘେରି ରହିଛି। ପାହାଡଟି ନଷ୍ଟ ହୋଇଯାଉଥିବା ଦେଖି ସ୍ଥାନୀୟ ଲୋକ ଏଥିରେ ଚାରାରୋପଣ କରି ସୁରକ୍ଷା ଦେଇଥିଲେ। ଅନ୍ୟପକ୍ଷେ କାହିଁ କେଉଁ କାଳରୁ ସମ୍ପୃକ୍ତ ପାହାଡ ଗୋରୁଙ୍କ ଚାରଣ ଭୂମି ପାଲଟିଛି। ପୁଣି ପାହାଡର ଝରଣା ଜଳ ଲୋକଙ୍କୁ କୃଷି କରିବାରେ ସହଯୋଗ କରି ଆସୁଛି। ତେବେ କିଛି ପଥର ଚୋର ନିୟମିତ ଭାବେ ବାଉରୀକାନ୍ଥ ପାଡାଡରେ ବ୍ଲାଷ୍ଟିଂ କରି କଳା ମୁଗୁନି ପଥର ନୟାଗଡ଼ ଓ ଖୋର୍ଦ୍ଧା ଜିଲାର ବିଭିନ୍ନ ଗାଁକୁ ଚୋରା ଚାଲାଣ କରି ଆସୁଛନ୍ତି। ବ୍ଲାଷ୍ଟିଂ ଯୋଗୁ ବାଙ୍କ ନାଳିଆ, ଗୋଡିପୋଖରି ଗାଁରେ ଅନେକ ଲୋକଙ୍କର ଘର ପାଟିଲାଣି। ପୁଣି ବ୍ଲାଷ୍ଟିଂର ଶବ୍ଦ ହୃଦ୍‌ଘାତ ରୋଗୀଙ୍କ ପାଇଁ କଷ୍ଟକର ହେଉଛି। ପୁଣି ପାହାଡ ପାଦ ଦେଶରେ ଥିବା ସିନ୍ଧୁରିଆ, ନୂଆପଲ୍ଲୀ, ଓଡପଲ୍ଲା, ମହତପଲ୍ଲା, ମାନପୁର, ରାଉତରାପୁର ଓ କାଣ୍ଡପଡା ଅଞ୍ଚଳର ଜମି ଉପରେ ପଥର ଛେଲା ପଡି ଫସଲ ନଷ୍ଟ ହେଉଛି। ବେଆଇନ ପଥର ଚାଲାଣ ଓ ବ୍ଲାଷ୍ଟିଂ ରୋକିବା ପାଇଁ ମଝିଆଖଣ୍ଡ, ମହତପଲ୍ଲା, କାଣ୍ଡପଡା ଓ ବନ୍ଧମୁଣ୍ଡା ପଞ୍ଚାୟତ ଲୋକ ପ୍ରତିନିଧିମାନେ ଆଗେଇ ଆସି ଜିଲାପାଳଙ୍କୁ ଅଭିଯୋଗ କରିଛନ୍ତି। ମଝିଆଖଣ୍ଡ ସରପଞ୍ଚ ମଧୁମିତା ତନାଇ, କାଣ୍ଡପଡା ସରପଞ୍ଚ ବିଜୟ କୁମାର ବେହେରା କୁହନ୍ତି, ମଝିଆଖଣ୍ଡ, ମହତପଲ୍ଲା, କାଣ୍ଡପଡା ଓ ବନ୍ଧମୁଣ୍ଡା ପଞ୍ଚାୟତ ସରପଞ୍ଚ ଓ ସ୍ଥାନୀୟ ଜନସାଧାରଣ ମୁଖ୍ୟମନ୍ତ୍ରୀ, ଏମ୍‌ପି ପୁରୀ, ରଣପୁର ବିଧାୟକ, ରାଜସ୍ୱ ମନ୍ତ୍ରୀ, ଖଣି ମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ରାଜସ୍ୱ ସଚିବ, ରଣପୁର ତହସିଲଦାର ଓ ଜିଲାପାଳଙ୍କୁ ବେଆଇନ ପଥର ଚାଲାଣ ଓ ବ୍ଲାଷ୍ଟିଂ ରୋକିବା ପାଇଁ ନିବେଦନ କରିଛନ୍ତି। ହେଲେ ଖଣିଚୋରମାନଙ୍କୁ କିଛି ଫରକ ପଡୁନି କହି କ୍ଷୋଭ ପ୍ରକାଶ କରିଥିଲେ।

ସେଲ୍ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com


@ ଜୟଶ୍ରୀ


@ ମୁନା


@ ପିକୁନ


@ ସୌମ୍ୟ


@ ଶାମରଞ୍ଜନ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ୫୦ ଦିନ ପରେ ବି ଲୁଟେରାଙ୍କ ଟେର୍ ପାଉନି ପୋଲିସ

### ସୁନା ବ୍ୟବସାୟୀଙ୍କ ଘରୁ ଲୁଟ ଘଟଣା

ଖଣ୍ଡପଡ଼ା, ୬।୩ (ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ଥାନା ଅଧୀନ ଖଳିସାହି ଗ୍ରାମର ସୁନା ଅଳଙ୍କାର ବ୍ୟବସାୟୀ ବିଜୟ କୁମାର ପୃଷ୍ଟିଙ୍କ ବାସଗୃହ ପଛ ପାର୍ଶ୍ୱରେ ଗତ ଜାନୁୟାରୀ ୧୪ ରାତିରେ ଲୁଟେରାମାନେ ପ୍ରବେଶ କରି ନଗଦ ଲକ୍ଷାଧିକ ଟଙ୍କା ସହ ସୁନା ଅଳଙ୍କାର ସବୁକିଛି ଲୁଟି ନେଇଥିଲେ। ଏ ସମ୍ପର୍କରେ ବିଜୟ ଖଣ୍ଡପଡ଼ା ଥାନାରେ ଲିଖିତ ଅଭିଯୋଗ କରିବାରେ ପୋଲିସ ଏକ ମାମଲା ରୁଜୁ କରିବା ସହ ଘଟଣାସ୍ଥଳରେ ପହଞ୍ଚି ସନ୍ଧାନୀ କୁକୁର ସହାୟତାରେ ତନାଘନା କରିଥିଲା। ମାତ୍ର ଘଟଣାର ୫୦ ଦିନ ପରେ ବି ପୋଲିସ ସମ୍ପୃକ୍ତ ଲୁଟେରାମାନଙ୍କୁ ଠାବ କରି ପାରିନାହିଁ। ଘଟଣାସ୍ଥଳରେ ଲାଗିଥିବା ସିସି ଟିଭି ଫୁଟେଜକୁ ଆଧାର କରି ପୋଲିସ ଚୋରି ଘଟଣାର ପର୍ଦ୍ଦାଫାଶ କରିବାରେ ସଫଳ ହେବ ବୋଲି ଖଳିସାହି ଗ୍ରାମବାସୀ ଆଶା ରଖିଥିଲେ ହେଁ ଅଦ୍ୟାବଧି ଘଟଣାର ଟେର୍ ପାଇ ପାରୁନଥିବା ଅଭିଯୋଗ ହେଉଛି। ଅପରପକ୍ଷେ ଏହି ଘଟଣା ପରଠାରୁ ଖଳିସାହି ଗ୍ରାମର ବ୍ୟବସାୟୀଙ୍କ ମନରେ ଭୟର ବାତାବରଣ ସୃଷ୍ଟି ହେବା ସହ ସେମାନେ ନିଜକୁ ଅସୁରକ୍ଷିତ ମଣୁଛନ୍ତି। ତେବେ ଏ ସମ୍ପର୍କରେ ଖଣ୍ଡପଡ଼ା ଥାନା ଅଧିକାରୀ କୃତ୍ତିବାସ ହରିଚନ୍ଦନଙ୍କ ସହ ଯୋଗାଯୋଗ କରିବାରେ ଲୁଟେରାଙ୍କ ସମ୍ପର୍କରେ ସୂଚନା ମିଳିଥିବା କହିବା ସହ ଜଙ୍କିଆ ଥାନାରେ, ବିଭିନ୍ନ ମାମଲାରେ ସମ୍ପୃକ୍ତ ଥିବା ଜଣେ ଅଭିଯୁକ୍ତଙ୍କୁ ଗିରଫ ପରେ ସେ ଖଳିସାହି ଘଟଣାରେ ସମ୍ପୃକ୍ତ ଥିବା ସେ ସ୍ୱୀକାର କରିଛି। ତେଣୁ ତାଙ୍କୁ ଏଠାକୁ ରିମାଣ୍ଡରେ ଆଣିବା ପରେ ଘଟଣାର ସବିଶେଷ ତଥ୍ୟ ମିଳିପାରିବ ବୋଲି ହରିଚନ୍ଦନ ସୂଚନା ଦେଇଛନ୍ତି।

## 'ଆଖିର ଜନମ କାନ୍ଦିବା ପାଇଁ' ମଞ୍ଚସ୍ଥ

### ଗୋପାଳ ସମାଜ ପକ୍ଷରୁ ଦୋଳ ଉତ୍ସବ

ଖଣ୍ଡପଡ଼ା,୬।୩ (ଅଜୟ କୁମାର ମହାରଣା)




ଖଣ୍ଡପଡ଼ା ଓ ଭାପୁର ବ୍ଲକର ବିଭିନ୍ନ ଅଞ୍ଚଳର ଗୋପାଳ ସମାଜ ପକ୍ଷରୁ ପାରମ୍ପରିକ ରୀତିରେ ଦୁଇଦିନ ବ୍ୟାପୀ ଦୋଳ ଉତ୍ସବ ପାଳିତ ହୋଇଯାଇଛି। ଯୁବ ବାଲୁକା ଶିଳ୍ପୀ ପ୍ରଶାନ୍ତ କୁମାର ସାହୁଙ୍କ ଦ୍ୱାରା ନିର୍ମିତ ରାଧାକୃଷ୍ଣ ମୂର୍ତ୍ତି ଗ୍ରାମରେ ସ୍ଥାପନ କରାଯାଇ ପୂଜା ଅର୍ଚ୍ଚନା କରାଯାଇଥିଲା। ମଙ୍ଗଳବାର ଅଧିବାସ ଉପଲକ୍ଷେ ଗ୍ରାମର ସମସ୍ତ ଗୋପାଳ ନିଜ ନିଜର ଗୋରୁଙ୍କୁ ଅଁଳା, ବାହାଡା, ହଳଦୀ ଓ ଘିଅ ଲଗାଇ ସକାଳୁ ସ୍ନାନ କରାଇଥିଲେ। ପରମ୍ପରା ଅନୁଯାୟୀ ସମସ୍ତ ଗୋପାଳୁଣୀ ନୂତନ ବସ୍ତ୍ର ପରିଧାନ କରି ନିଜ ନିଜର ନୂତନ ପସରା(ବୋଝ), କୁଲା, ଚାଙ୍ଗୁଡି, ବାହୁଙ୍ଗୀ, ପାଞ୍ଚଣ, ଦହି ଘୋରଣା ଆଦି ପାଖରେ ଦୀପ ଜାଳି ନିଜ ନିଜ ଘରେ ପୂଜାର୍ଚ୍ଚନା କରିଥିଲେ। ଆନୁଷ୍ଠାନିକ କାର୍ଯ୍ୟ ଶେଷ ହେବା ପରେ ଇଷ୍ଟଦେବ ଗୋପୀନାଥ ଜୀଉ ଗ୍ରାମ ପରିକ୍ରମା କରି ଚାଚେରୀ ଭୋଗ ଖାଇଥିଲେ। ଏହି ଉପଲକ୍ଷେ ପଥରଚକଡା ତଳସାହି ଓ ବଡସାହି ଗୋପାଳ ସମାଜ ପକ୍ଷରୁ ତଥା ସମାଜର ପ୍ରଶାନ୍ତ କୁମାର ବେହେରା ଓ ସମିତି ସଭ୍ୟ ଦେବାର୍ଚ୍ଚନ ଡାଲୁଆଙ୍କ ତତ୍ତ୍ୱାବଧାନରେ ଦୋଳ ଉତ୍ସବକୁ ଉତ୍ସାହ ଓ ଉଦ୍ଦୀପନାର ସହ ପାଳିତ ହୋଇଯାଇଛି। ପରେ ସେମାନେ ଏକ ପାଟ ପଟୁଆରରେ ନନ୍ଦ, ଯଶୋଦା, କୃଷ୍ଣ ,ବଳରାମ ବେଶରେ ସଜ୍ଜିତ ହୋଇଥିବା ଗୋପାଳମାନେ ଲଉଡି ଖେଳ ସହ ଗ୍ରାମ ପରିକ୍ରମା କରିଥିଲେ। ଗୋପାଳ ସମାଜ ଗୋପୀନାଥ ନାଟ୍ୟ ସମିତି ପକ୍ଷରୁ ୨ୟ ବାର୍ଷିକ ନାଟ୍ୟ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସୁବାସ ଜେନାଙ୍କ ନାଟ୍ୟ ନିର୍ଦ୍ଦେଶନାରେ ସାମାଜିକ ନାଟକ 'ଆଖିର ଜନମ କାନ୍ଦିବା ପାଇଁ' ପରିବେଷଣ ହୋଇଥିଲା। ଗୋପୀନାଥ ନାଟ୍ୟ ସମିତି ସଭାପତି ରବୀନ୍ଦ୍ର ଡାଲୁଆଙ୍କ ନେତୃତ୍ୱରେ ମଞ୍ଚସ୍ଥ ହୋଇଥିବା ନାଟକର ମୁଖ୍ୟ ଭୂମିକାରେ ଯମୁନା, ଜଗନ ବେହେରା, ତୋଫାନ ପ୍ରଧାନ, ସମୟ ଦାସ, ଚିତ୍ତ ବେହେରା, ଅନ୍ତର୍ଯ୍ୟାମୀ ବେହେରା ପ୍ରମୁଖଙ୍କ ଅଭିନୟ ଦର୍ଶକମାନଙ୍କୁ ଆକୃଷ୍ଟ କରିଥିଲା। ଅନୁଷ୍ଠାନ ସଦସ୍ୟ ତଥା ଗ୍ରାମବାସୀଙ୍କ ସକ୍ରିୟ ସହଯୋଗରେ ସାଂସ୍କୃତି କାର୍ଯ୍ୟକ୍ରମଟି ଶୃଙ୍ଖଳିତ ଭାବରେ ସମ୍ପନ୍ନ ହୋଇଥିଲା।

## ଅନ୍ତର୍ଜାତୀୟ ମହିଳା ଦିବସ ପାଇଁ ପ୍ରସ୍ତୁତି ବୈଠକ



ମହିଳା ଦିବସ ପାଳନ ନେଇ ସୂଚନା ପ୍ରଦାନ କରାଯାଉଛି।

ନୟାଗଡ଼,୬।୩(ଲୋକନାଥ ମିଶ୍ର)

ମାର୍ଚ୍ଚ ୮ରେ ଅନ୍ତର୍ଜାତୀୟ ମହିଳା ଦିବସ ଓ ଅସ୍ମିତା ଦିବସ ପାଳନ କରାଯିବ। ଏହି ଅବସରରେ ଭାରତ ସରକାରଙ୍କ କ୍ରୀଡା ଓ ଯୁବ ବ୍ୟାପାର ମନ୍ତ୍ରଣାଳୟ ଅଧୀନ ମୋ ଭାରତ ନୟାଗଡ଼ ଓ ସେବା ଉତ୍ସବ ସମିତି ମିଳିତ ଆନୁକୂଲ୍ୟରେ ଶୁକ୍ରବାର ନୟାଗଡ଼ ଜିଲା ପରିଷଦ ସମିଳନୀ କକ୍ଷ ସୃଜନରେ ପ୍ରସ୍ତୁତି ବୈଠକ ଓ ଖବରଦାତା ସମ୍ମିଳନୀ କରାଯାଇଛି। ଏଥିରେ ଜିଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ, ସେବା ଉତ୍ସବ ସମିତି ଅଧ୍ୟକ୍ଷ ଶିବରାମ ମହାପାତ୍ର, ଆଇନଜୀବୀ ଚନ୍ଦ୍ର ବିଜୟୀ ମିଶ୍ର ଯୋଗ ଦେଇଥିଲେ। ସମ୍ମିଳନୀକୁ ସେବା ଉତ୍ସବ କୋଷାଧ୍ୟକ୍ଷ ପରମେଶ୍ୱର ସାହୁ ସଂଯୋଜନା କରିଥିଲେ। ନୟାଗଡ଼ ଖେଳ ପଡିଆଠାରେ ୮ ତାରିଖ ସକାଳ ୭ ଟାରୁ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ୧୩ ବର୍ଷ ଓ ୧୩ ବର୍ଷରୁ ଊର୍ଦ୍ଧ୍ୱ ବିଭିନ୍ନ ବର୍ଗର ପ୍ରତିଯୋଗୀମାନେ ୧୦୦ ମିଟର ଦୌଡ଼, ୨୦୦ ମିଟର ଦୌଡ଼ ଓ ୪୦୦ ମିଟର ଦୌଡ଼ରେ ସାମିଲ ହୋଇପାରିବେ। ଏଥିପାଇଁ ଉଭୟ ଅନ୍‌ଲାଇନ୍ ଓ ଅଫଲାଇନ ଯୋଗେ ପ୍ରତିଯୋଗୀମାନେ ପଞ୍ଜୀକରଣ କରିବାକୁ ଅନୁରୋଧ କରାଯାଇଛି।

## ଜଙ୍ଗଲ ନିଆଁକୁ ଆୟତ୍ତ କଲେ ଅଗ୍ନିଶମ ବାହିନୀ, ଗ୍ରାମବାସୀ

ଖଣ୍ଡପଡ଼ା,୬।୩ (ଅଜୟ କୁମାର ମହାରଣା)


ଜଙ୍ଗଲ ଜଳୁଛି।

ଗ୍ରୀଷ୍ମ ଋତୁ ଆରମ୍ଭରୁ ଜଙ୍ଗଲରେ ନିଆଁ ଲାଗୁଥିବା ଜଣାପଡିଛି। ଖଣ୍ଡପଡ଼ା ବନାଞ୍ଚଳ ଅଧୀନରେ ଥିବା ବଡ଼ ବାଣପୁର ନିକଟ ସଂରକ୍ଷିତ ଜଙ୍ଗଲରେ ଶୁକ୍ରବାର ନିଆଁ ଲାଗି କ୍ରମଶଃ ଜନବସତି ଆଡ଼କୁ ଅଗ୍ରସର ହେଉଥିବାର ଦେଖି ଖଣ୍ଡପଡ଼ା ଦମକଳକେନ୍ଦ୍ର ସହିତ ଯୋଗାଯୋଗ କରିଥିଲେ। ମାତ୍ର ଖଣ୍ଡପଡ଼ା ଅଗ୍ନିଶମ ବିଭାଗ ଗଣିଆ ଦମକଳ ଅଫିସ ସହିତ ଯୋଗାଯୋଗ କରିବାରେ ବିଜୟ ନନ୍ଦ ପରିଡ଼ା,ମୁଖ୍ୟ ଅଗ୍ନି ଯୋଦ୍ଧା ଗଣିଆଙ୍କ ନେତୃତ୍ୱରେ ୪ ଜଣିଆ ଫାୟାର ଫାଇଟର ମିଳିତ ଉଦ୍ୟମରେ ମଙ୍ଗଳବାର ସନ୍ଧ୍ୟା ୫.୩୦ରେ ଘଟଣାସ୍ଥଳରେ ପହଞ୍ଚି ଅଢେଇଘଣ୍ଟା ବ୍ଲୋୟର ସ୍ପ୍ରେ କରି ନିଆଁକୁ ଆୟତ୍ତ କରିଥିଲେ। ପ୍ରାୟ ୧.୫ କି.ମି.ନିଆଁକୁ ସଫଳତାର ସହିତ ଲିଭାଯାଇଥିବା ଗଣିଆ ମୁଖ୍ୟ ଅଗ୍ନି ଯୋଦ୍ଧା ବିଜୟ ନନ୍ଦ ପରିଡ଼ା ସୂଚନା ଦେଇଥିଲେ। ସେହିପରି କଣ୍ଟିଲୋ ପଞ୍ଚାୟତ ଅଧୀନ ମାଧବ ଚୌଧୁରୀ ତଥା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ପଛ ପାର୍ଶ୍ୱରେ ଥିବା ଏକ ଜଙ୍ଗଲରେ ନିଆଁକୁ ଦେଖି ସାହିର କେତେକ ଯୁବକ ସାହସର ସହିତ ନିଆଁ ଲିଭାଇବାକୁ ଏକତ୍ରିତ ହୋଇ ଜଙ୍ଗଲ ମଧ୍ୟରେ ପ୍ରବେଶ କରି ରାତି ପ୍ରାୟ ୯ ଟାରେ ନିଆଁକୁ ଆୟତ୍ତ କରିଥିଲେ। ଏହି କାର୍ଯ୍ୟରେ ବିନୋଦ ମିଶ୍ରଙ୍କ ନେତୃତ୍ୱରେ ମୁନ୍ନ, ଦୀପକ, ଶିକୁନ, କୁନ୍ନ, ପାଣି, ବାଲିଗୁନା, ଗୁକୁନା ୮ ଜଣ ଏକତ୍ରିତ ହୋଇ ପ୍ରାୟ ଚାରିଶହରୁ ଊର୍ଦ୍ଧ୍ୱ ମିଟର ବ୍ୟାପିଥିବା ନିଆଁକୁ ଆୟତ୍ତ କରି ଲିଭାଇଥିଲେ। ସେମାନଙ୍କର ଏପରି ଉଦ୍ୟମକୁ ଅଞ୍ଚଳବାସୀ ସାଧୁବାଦ ଦେଇଛନ୍ତି।

## ଜଳୁଛି ରାସୋଳ ଜଙ୍ଗଲ: ବନ୍ୟଜନ୍ତୁ ମରିବା ସନ୍ଦେହ

ନୟାଗଡ଼,୬।୩(ଲୋକନାଥ ମିଶ୍ର)

ନୟାଗଡ଼ ବନଖଣ୍ଡ ନୟାଗଡ଼ ରେଞ୍ଜର ରାସୋଳ ଜଙ୍ଗଲ ଶୁକ୍ରବାର ପୂର୍ବାହ୍ନରୁ ଜଳୁଛି। ନିଆଁର ଭୟାବହତାକୁ ଅନୁଧ୍ୟାନ କଲେ ବନ୍ୟଜନ୍ତୁ ମରିଥିବା ସନ୍ଦେହ କରାଯାଉଛି। ନିଆଁ ଥମିବାର ନାଁ ଧରୁ ନାହିଁ। ଜଙ୍ଗଲର ଗୋଟିଏ ପାର୍ଶ୍ୱ ଜଳୁଥିବାବେଳେ କିଛି ସମୟ ପରେ ଅନ୍ୟ ପାର୍ଶ୍ୱ ଜଳି ଚାଲିଛି। ଏନେଇ ନୟାଗଡ଼ ରେଞ୍ଜର ଅଶୋକ ସ୍ୱାଇଁଙ୍କୁ ଯୋଗାଯୋଗ କରିବାରୁ କହିଥିଲେ ୩୦ରୁ ଊର୍ଦ୍ଧ୍ୱ ବନ କର୍ମଚାରି ନିଆଁକୁ ଆୟତ କରିବାରେ ଲାଗିଛନ୍ତି। ଖଣ୍ଡପଡା ରେଞ୍ଜ ପାର୍ଶ୍ୱରୁ ନିଆଁ ନୟାଗଡ଼ ରେଞ୍ଜକୁ ବ୍ୟାପୁଛି। ଆମେ ନିଆଁ ଲିଭାଇବାକୁ ଶୁକ୍ରବାର ଅପରାହ୍ନରୁ ଉଦ୍ୟମ ଜାରି ରଖିଛୁ ବୋଲି କହିଛନ୍ତି।

## ଏସ୍‌ଡିପିଓଙ୍କ ବିରୋଧରେ ପୋଲିସ ମହାନିର୍ଦ୍ଦେଶକଙ୍କୁ ଫେରାଦ

### ସରକାରୀ ପଦବୀର ଅପବ୍ୟବହାର

ନୟାଗଡ଼,୬।୩(ଲୋକନାଥ ମିଶ୍ର)

ସରକାରୀ ପଦବୀର ଅପବ୍ୟବହାର, ଦୁର୍ନୀତୀ, ବେଆଇନ ବାଲି ଖଣି କାର୍ଯ୍ୟକଳାପକୁ ସହାୟତା ଦେଉଥିବା ଅଭିଯୋଗ ନୟାଗଡ଼ ଜିଲାର ଜଣେ ଏସ୍‌ଡିପିଓଙ୍କ ବିରୋଧରେ ଅଭିଯୋଗ ଆସିଛି। ଏ ସମ୍ପର୍କରେ ସୁପ୍ରିମକୋର୍ଟର ଆଇନଜୀବୀ ବିଧାନ ଚନ୍ଦ୍ର ମହାନ୍ତି ପୋଲିସ ମହାନିର୍ଦ୍ଦେଶକ, ନୟାଗଡ଼ ଜିଲାପାଳ ଓ ଏସ୍‌ପି, ମୁଖ୍ୟମନ୍ତ୍ରୀ, ଜାତୀୟ ସବୁଜ ଟ୍ରିବ୍ୟୁନାଲ ଅଧ୍ୟକ୍ଷଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁସାରେ ଖଣ୍ଡପଡା ଅଞ୍ଚଳରେ ପ୍ରତ୍ୟହ ବେଆଇନ ବାଲି ଚାଲାଣ ହୋଇ ଆସୁଛି। ନଦୀପଠାରୁ ଅନଧିକୃତ ଭାବେ ବାଲି ଉତ୍ତୋଳନ କରାଯାଇ ପ୍ରତ୍ୟହ ପରିବହନ କରାଯାଉଛି। କେତେକ ନିର୍ଦ୍ଦିଷ୍ଟ ଲୋକଙ୍କୁ ଅନୁକମ୍ପା ପ୍ରଦର୍ଶନ କରାଯାଇ ବେଆଇନ କାର୍ଯ୍ୟରେ ସହଯୋଗ କରାଯାଉଛି। ଏଭଳି ବେଆଇନ କାର୍ଯ୍ୟ ଯୋଗୁ ବାୟୁ ପ୍ରଦୂଷଣ, ସାଧାରଣ ରାସ୍ତା ନଷ୍ଟ ଓ ଭିତ୍ତିଭୂମିର କ୍ଷତି, ନଦୀ ପ୍ରଣାଳୀର ପରିବେଶ ସନ୍ତୁଳନ ବିଗିଡି ଯାଉଛି। ଯାହାକି ନଦୀକୂଳକୁ ବିପଦ ସଙ୍କୁଳ କରିବା ସହ ମାଳବନ୍ଧ ପ୍ରତି ବିପଦ ସୃଷ୍ଟି କରି ଚାଲିଛି। ପୁଣି ଏହାର ପ୍ରଭାବ ଆଖପାଖ ଅଞ୍ଚଳର ଭୂତଳ ଜଳସ୍ତରକୁ ପ୍ରତିକୂଳ ପ୍ରଭାବ ପକାଇ ଚାଲିଛି। କେତେକ ଲୋକ ଏହାକୁ ବିରୋଧ କରୁଥିଲେ ହେଁ କ୍ଷମତାର ଅପବ୍ୟବହାର ଯୋଗୁ ଭୟର ବାତାବରଣ ସୃଷ୍ଟି ହେଉଛି। ଅଫିସରଙ୍କ ପଛରେ ଜଣେ କେନ୍ଦ୍ରମନ୍ତ୍ରୀଙ୍କ ସହଯୋଗ ରହିଥିବା କୁହାଯାଉଛି। ସ୍ୱଚ୍ଛତା, ଉତ୍ତର ଦାୟିତ୍ୱ ଓ ପ୍ରଶାସନ ପ୍ରତି ଜନସାଧାରଣଙ୍କ ଆସ୍ଥା ବଜାୟ ରଖିବା ପାଇଁ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ପାଇଁ ଆଇନଜୀବୀ ଅନୁରୋଧ କରିଛନ୍ତି।

## ପ୍ରଥମ ଦିବସରେ ମନ ମୋହିଲା ମହିଳା ପାଇକ ଆଖଡ଼ା

### ନୂଆଗାଁ ମହୋତ୍ସବ, ସ୍ୱଦେଶୀ ମେଳା


ଦ୍ୱିତୀୟ ଦିବସରେ ମଞ୍ଚରେ ଅତିଥି ଗଣ।


ଦିଗପହଣ୍ଡି କଳାକାରଙ୍କ ମୁଖା ନୃତ୍ୟ।

ନୂଆଗାଁ, ୬।୩( ଧନେଶ୍ୱର ସାହୁ)

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ମହୋତ୍ସବ ପଡ଼ିଆରେ ନୂଆଗାଁ ମହୋତ୍ସବ,ସ୍ୱଦେଶୀ ମେଳା ୨୦୨୬ ଗୁରବାର ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଦିବସରେ ଖୋର୍ଦ୍ଧା ମହିଳା ପାଇକ ଆଖଡା ଦର୍ଶକମାନଙ୍କ ମନ ମୋହିଥିବା ବେଳେ ଶୁକ୍ରବାର ଦ୍ୱିତୀୟ ଦିବସରେ ନୂଆଗାଁ ବନ୍ଦନା ବେଶ ଆକର୍ଷଣୀୟ ହୋଇପାରିଥିଲା। ନୂଆଗାଁ ମହୋତ୍ସବ ସ୍ୱଦେଶୀ ମେଳା ୨୦୨୬ ଉଦ୍‌ଘାଟନୀ ଦିବସରେ କନ୍ଧମାଳ ଏମ୍‌ପି ସୁକାନ୍ତ କୁମାର ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମହୋତ୍ସବ ପତାକା ଉତ୍ତୋଳନ କରି ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ସନ୍ଧ୍ୟାରେ ସ୍ଥାନୀୟ କଳାକାର ଓ ପରେ ରାଜ୍ୟର ବିଭିନ୍ନ ସ୍ଥାନରୁ ଆସିଥିବା କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ସେମାନଙ୍କ କଳା ପ୍ରଦର୍ଶନ କରିଥିଲେ। କୁହୁଡିରୁ ଆସିଥିବା ମହିଳା ପାଇକ ଆଖଡା ଦର୍ଶକମାନଙ୍କୁ ବେଶ ଆକୃଷ୍ଟ କରିପାରିଥିଲା। ଉଦ୍‌ଘାଟନୀ ଦିବସ ସଭାରେ କନ୍ଧମାଳ ଏମ୍‌ପି ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଦଶପଲ୍ଲାର ପୂର୍ବତନ ବିଧାୟକ ପୂର୍ଣ୍ଣଚନ୍ଦ୍ର ନାୟକ, ନୂଆଗାଁ ବିଡ଼ିଓ ଅମୃତ କୁମାର ରାଉଳ,ବ୍ଲକ ଶିକ୍ଷାଧିକାରୀ ଭକ୍ତି ବିନୋଦ ସଲ ସନ୍ନ୍ୟାସୀ ନାୟକ ମହୋତ୍ସବ କାର୍ଯ୍ୟକାରୀ ସଭାପତି ତଥା ବ୍ଲକ ଉପାଧ୍ୟକ୍ଷ ପର୍ଶୁରାମ ସ୍ୱାଇଁ ସମ୍ପାଦକ ଶିବରାମ ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ରୁକ୍ ସୁନା ମେଲୋଡି ଦର୍ଶକମାନଙ୍କୁ ନଚେଇ ଥିଲା। ଶୁକ୍ରବାର ଦ୍ୱିତୀୟ ଦିବସରେ ସ୍ଥାନୀୟ କଳାକାର ଓ ରାଜ୍ୟର ବିଭିନ୍ନ ସ୍ଥାନରୁ ଆସିଥିବା କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଦିଗପହଣ୍ଡି କଳାକାରମାନଙ୍କ ଦ୍ୱାରା ପରିବେଷିତ ମୁଖା ନୃତ୍ୟ ବେଶ ଆକର୍ଷଣୀୟ ହୋଇଥିଲା। ସନ୍ଧ୍ୟାରେ ଆୟୋଜିତ ସଭାରେ ନୟାଗଡ଼ ଜିଲାପାଳ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ କନ୍ଧମାଳର ପୂର୍ବତନ ଏମ୍‌ପି ପ୍ରତ୍ୟୁଷା ରାଜେଶ୍ୱରୀ ସିଂ,ପୂର୍ବତନ ଜିଲାପରିଷଦ ସଦସ୍ୟ ନାସିର ଅହମ୍ମଦ,ନୂଆଗାଁ ବିଡ଼ିଓ ରାଉଳ,ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ରାଜେନ୍ଦ୍ର ପ୍ରସାଦ ପଣ୍ଡା, ଉପାଧ୍ୟକ୍ଷ ତଥା ନୂଆଗାଁ ମହୋତ୍ସବ କାର୍ଯ୍ୟକାରୀ ସଭାପତି ପର୍ଶୁରାମ ସ୍ୱାଇଁ ଓ ସମ୍ପାଦକ ଶିବରାମ ମହାପାତ୍ର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ନୂଆଗାଁ କଲେଜ ଛାତ୍ରୀଛାତ୍ରଙ୍କ ଦ୍ୱାରା ନୂଆଗାଁ ବନ୍ଦନା ପରିବେଷଣ କରାଯାଇଥିଲା। ଗୁଲୁଆ କମେଡି ଦର୍ଶକଙ୍କ ମନ ମୋହିଥିଲା।

